୦୬ ଜୁଲାଇ ୨୦୨୫ ରବିବାର

ସମୟ ତରଙ୍ଗ

ସୁନ୍ଦରତା ପାଇଁ ହୃଦର

ଶେଫାଳୀ ଜରିୱାଲାଙ୍କ ଭଳି ଅନେକ ସେଲିବ୍ରିଟିଙ୍କ ହଠାତ୍ ହୃଦଘାତ ଜନିତ ମୃତ୍ୟୁ ସବୁବେଳେ ଆମ ଜୀବନଶୈଳୀ ଉପରେ ପ୍ରଶ୍ନ ଉଠାଇଥାଏ । ସଧାରଣତଃ ଫିଟ୍ ରହୁଥିବା ଏହି ସେଲିବ୍ରିଟିଙ୍କ ଶରୀର କଣ ସତରେ ଏତେ ଫିଟ୍, ଯାହା ବାହାରକୁ ଦେଖାଯାଇଥାଏ । ବର୍ତ୍ତମାନ ଏହି ବିଷୟରେ ସବୁ ସ୍ଥାନରେ ଚର୍ଚ୍ଚା ହେବା ଆରମ୍ଭ ହୋଇଛି ।



ଭାରତରେ ଏଭଳି ଅନେକ ସେଲିବ୍ରିଟି ଅଛନ୍ତି ଯେଉଁମାନଙ୍କର ଜୀବନ ହୃଦଘାତ କାରଣରୁ ଯାଇଛି । ଏଥିରେ ଅନେକ କମ ବୟସର ସେଲିବ୍ରିଟି ସାମିଲ ଅଛନ୍ତି । ଏମାନେ ଖୁବ କମ ବୟସରେ ହୃଦଘାତ କାରଣରୁ ଜୀବନ ହାରିଛନ୍ତି । ୩୦ ରୁ ୫୦ ବର୍ଷ ଭିତରେ ଅନେକ ଅଭିନେତାଙ୍କ ସହିତ ବଡବଡ ଲୋକ ଅଛନ୍ତି ଯେଉଁମାନେ ଏହି ତାଲିକାରେ ସାମିଲ ଅଛନ୍ତି । ତେବେ ଏମାନେ କେହି ବି କୌଣସି ହୃଦୟ ରୋଗରେ ପୀଡିତ ଥିବାର ଖବର ନାହିଁ । ସେହିଭଳି ଏମାନେ ସବୁବେଳେ ଜିମ୍ ଯିବା ସହିତ ଭରପୂର ବ୍ୟାୟାମ ମଧ୍ୟ କରିଥାଆନ୍ତି । ତେବେ ବର୍ତ୍ତମାନ ଜନସାଧାରଣରେ ଗୋଟିଏ ପ୍ରଶ୍ନ ଖୁବ ଚର୍ଚ୍ଚାରେ ରହୁଛି, କି ବାହାରୁ ଏତେ ଫିଟ୍ ଦେଖାଯାଉଥିବା ସେଲିବ୍ରିଟି କଣ ଭିତରୁ ଫିଟ୍ ନୁହନ୍ତି । ସବୁବେଳେ ଜିମ୍‌ରେ ଯାଇ ଝାଳବୁହାଇବା ହେଉ କିମ୍ବା ଡାକ୍ତରଙ୍କ ପରାମର୍ଶରେ ଖାଦ୍ୟ ଗ୍ରହଣ କରିବା କୌଣସିଥିରେ ଏମାନେ ପଛରେ ରହୁନାହାନ୍ତି, ତଥାପି ଏମାନଙ୍କର ଜୀବନ ହଠାତ୍ ହୃଦଘାତରେ ଯାଉଥିବା ଦେଖିବାକୁ ମିଳୁଛି । ତେବେ ଏହାରି ଭିତରେ ସମସ୍ତଙ୍କ ଇଙ୍ଗିତ ଏମାନଙ୍କ ଜୀବନଶୈଳୀ ଉପରକୁ ଯାଉଛି । ନିକଟରେ ମୃତ୍ୟୁ ହୋଇଥିବା ଶେଫାଳୀ ଜରିୱାଲାଙ୍କ ମୃତ୍ୟୁ ପଛରେ ତାଙ୍କର ଏକ ବିୟୁଟି ଟ୍ରିଟମେଣ୍ଟକୁ ଦାୟୀ କରାଯିବା ଆରମ୍ଭ ହୋଇଛି । ଶେଫାଳୀଙ୍କ ମୃତ୍ୟୁପରେ କେବଳ ସାଧାରଣ ଲୋକ ନୁହେଁ ସୋସିଆଲ ମିଡିଆରେ ନିଜେ ସେଲିବ୍ରିଟି ବର୍ତ୍ତମାନ ବିୟୁଟି ଟ୍ରିଟ୍‌ମେଣ୍ଟକୁ ନା କହିବାକୁ ଅପିଲ କରିବା ଆରମ୍ଭ କରିଛନ୍ତି । ଶେଫାଳୀଙ୍କ ମୃତ୍ୟୁ ପରେ ମଲ୍ଲିକା ଶେରାୱତ, ରାକ୍ଷୀ ସାୱନ୍ତଙ୍କ ଭଳି ଅଭିନେତ୍ରୀମାନେ ବିଭିନ୍ନ ବିୟୁଟି ଟ୍ରେଟମେଣ୍ଟ ଠାରୁ ଦୂରରେ ରହିବାକୁ ପରାମର୍ଶ ଦେବା ଆରମ୍ଭ





କରିଛନ୍ତି । ତେବେ ଶେଫାଳୀଙ୍କ ମୃତ୍ୟୁ ନେଇ କୌଣସି ସ୍ପଷ୍ଟ ମତ ନଥିଲେ ମଧ୍ୟ ଗଣମାଧ୍ୟମରେ ଆଣ୍ଟି ଏଜିଂ ଟ୍ରିଟମେଣ୍ଟକୁ ନେଇ ଖୁବ ଆଲୋଚନା କରାଯାଉଛି । ଯାହା କାରଣରୁ ଶେଫାଳୀଙ୍କ ଶରୀରରେ କିଛି ସମସ୍ୟା ସେଦିନ ହୋଇଥିଲା ଏବଂ ଯାହାର ପ୍ରଭାବରେ ତାଙ୍କ ହୃଦଘାତ ହୋଇଥିବାନେଇ ଆକଳନ କରାଯାଉଛି । ସୂଚନା ଅନୁସାରେ ଶେଫାଳୀ କମବୟସ୍କ ଦେଖାଯିବା ପାଇଁ ଏକ ଆଣ୍ଟିଏଜିଂ ଇଞ୍ଜେକସନ୍ ନେଉଥିଲେ । ତେବେ ସମ୍ପୃକ୍ତ ଦିନ ସେ ଏହି ଇଞ୍ଜେକସନ୍ ନେଇଥିଲେ । ସେହିଭଳି ଚର୍ଚ୍ଚା ଅନୁସାରେ ଶେଫାଳୀଙ୍କର ସେଦିନ କୌଣସି ବ୍ରତ ଥିଲା ଯାହାଫଳରେ ସେ ଦିନ ସାରା କିଛି ଖାଇନଥିଲେ । ଏହାପରେ ସନ୍ଧ୍ୟାରେ କିଛି ଖାଇବା ପରେ ତାଙ୍କର ରକ୍ତଚାପରେ ପରିବର୍ତ୍ତନ ହୋଇଥିଲା ଏବଂ ସେ ବେହୋସ ହୋଇଯାଇଥିଲେ । ଏହାପରେ ତାଙ୍କୁ ଡାକ୍ତରଖାନା ନିଆଯାଇଥିଲା, ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ତେବେ ଦିନ ସାରା ସେ ଓପାସରେ ଥାଇ ମଧ୍ୟ ଔଷଧ ଖାଇଥିଲେ ଯାହା ତାଙ୍କ ମୃତ୍ୟୁର କାରଣ ସାଜିଥିଲା ବୋଲି ଗଣମାଧ୍ୟମରେ ଆଲୋଚନା ହେଉଛି । ସବୁଠାରୁ ଅଧିକ ଚର୍ଚ୍ଚା ରହୁଛି ସେଲିବ୍ରିଟିଙ୍କର ଜୀବନଶୈଳୀ, ସେମାନଙ୍କ ଖାଦ୍ୟ, ଡାଏଟ୍ ପ୍ଲାନ, ବିୟୁଟି ଟ୍ରିଟମେଣ୍ଟ ଆଦି ସବୁ କଥାକୁ ନେଇ ଆଲୋଚନା ହେଉଛି ।

ବିୟୁଟି ଟ୍ରିଟମେଣ୍ଟ

ବୋଟୋକ୍ସ : ଏହି ଟ୍ରିଟମେଣ୍ଟକୁ ବ୍ୟବହାର କରି ଆମର ମୁହଁରେ ପଡୁଥିବା ବିଭିନ୍ନ ଭାଙ୍ଗ ବା ରିଙ୍କଲକୁ ଦୂର କରାଯାଇଥାଏ । ଏହାକୁ ବିଶେଷଭାବେ ବୟସର ଛାପ ଲୁଚାଇବାକୁ କରାଯାଇଥାଏ । ଏହାର ବିଭିନ୍ନ ପ୍ରକାର ରହିଛି, ଯାହାର ବ୍ୟବହାର କରି ବଲିଉଡ ଅଭିନେତ୍ରୀମାନେ ବେଶି କରିଥାଆନ୍ତି ବୋଲି ଆଲୋଚନା ହୋଇଥାଏ ।

ଡର୍ମାଲ ଫିଲର : ଏହି ପ୍ରକ୍ରିୟାରେ ଆମ ଗାଲ, ଓଠ, ଆଖି ତଳ ଭଳି ସ୍ଥାନକୁ ଫୁଲାଫୁଲା କରିବା ପାଇଁ କରାଯାଇଥାଏ । ଯେଉଁମାନେ ଏକ ସୁଢଳ ସୁନ୍ଦର ମୁହଁ ପସନ୍ଦ କରନ୍ତି କିନ୍ତୁ ସର୍ଜରୀ କରାଇବାକୁ ଚାହାନ୍ତି ନାହିଁ ସେମାନେ ଏହି ପ୍ରକ୍ରିୟାକୁ ଆପଣାଇ ଥାଆନ୍ତି । ଏହି ପ୍ରକ୍ରିୟାରେ ଏକ ଏସିଡ ଆମ ଶରୀରରେ ବ୍ୟବହାର କରାଯାଇଥାଏ ।

ଥ୍ରେଡ୍ ଲିଫ୍ଟ : ଏହା ବିଶେଷଭାବେ ଲୁଜ୍ ବା ଢିଲା ଚର୍ମକୁ ଉପରକୁ ଉଠାଇବାକୁ କରାଯାଇଥାଏ । ଏହା ସର୍ଜରୀ ନକରି ମୁହଁକୁ ଟାଇଟ୍ କରିବା ପାଇଁ ବ୍ୟବହାର ହୋଇଥାଏ । ବିଶେଷଭାବେ ୩୦ ବର୍ଷ ପରେ ଏହାକୁ ଷ୍ଟାରମାନେ ଆପଣାଇ ଥାଆନ୍ତି ।



ସ୍କିନ୍ ବୁଷ୍ଟର : ଶରୀରକୁ ଗଭୀରଭାବେ ହାଇଡ୍ରେସନ କରିବା ଏବଂ ଭିତରୁ ଚମକ ଆଣିବା ପାଇଁ ଏହି ପ୍ରକ୍ରିୟାର ବ୍ୟବହାର କରାଯାଇଥାଏ । ଏହି ପ୍ରକ୍ରିୟାରେ ମଧ୍ୟ ଏକ ପ୍ରକାରର ଏସିଡ୍‌ର ବ୍ୟବହାର କରାଯାଇଥାଏ । ଯେଉଁମାନଙ୍କର ଗ୍ଲାସ୍ ସ୍କିନ୍ ପସନ୍ଦ ସେମାନଙ୍କ ପାଇଁ ଏହି ପ୍ରକ୍ରିୟା ।

ଜ ଲାଇନ୍ ବୋଟକ୍ସ : ମଣିଷ ସୌନ୍ଦର୍ଯ୍ୟର ଜ ଲାଇନ୍ ବା ମୁହଁ ଦାନ୍ତର ଲାଇନ୍ ଏକ ବଡ ଭୂମିକା ଗ୍ରହଣ କରିଥାଏ । ଯାହାର ଜ ଲାଇନ ଯେତେ ସୁନ୍ଦର ସେ ସେତେ ସୁନ୍ଦର । ଏହାକୁ ସୁନ୍ଦର କରିବାକୁ ଜ ଲାଇନ୍ ବୋଟୋକ୍ସ ପ୍ରକ୍ରିୟାକୁ ଅନେକ ସେଲିବ୍ରିଟି ଆପଣାଇ ଥାଆନ୍ତି ।

ସ୍ୱେଟ୍ ବୋଟୋକ୍ସ : ମଣିଷର ଝାଳ ବୋହିବା ଏକ ସାଧାରଣ ପ୍ରକ୍ରିୟା, ଏହା ଆମ ଶରୀରକୁ ଥଣ୍ଡା କରିବାରେ ଆବଶ୍ୟତା ହୋଇଥାଏ । ହେଲେ ସେଲିବ୍ରିଟିମାନେ ଏହାକୁ ରୋକିବାକୁ

ମଧ୍ୟ ବୋଟୋକ୍ସ ପ୍ରକ୍ରିୟାକୁ ଆପଣାଇଥାଆନ୍ତି । ଯେତେବେଳେ କୌଣସି ଲମ୍ବା ସୁଟିଂ ରହିଥାଏ ସେତେବେଳେ ସେମାନେ କାଖତଳ, ହାତ, ପାଦରେ ସ୍ୱେଟ୍ ବୋଟୋକ୍ସ ଟ୍ରିଟ୍‌ମେଣ୍ଟ କରାଇଥାଆନ୍ତି ।

ସ୍ମାଇଲ୍ କରେକସନ୍ : ହସକୁ ସୁନ୍ଦର କରାଇବା ପାଇଁ ମଧ୍ୟ ପ୍ରକ୍ରିୟା ରହିଛି । ଉପର ଓଠରେ ଏହି ଇଞ୍ଜେକସେନ୍ ଦିଆଯାଇଥାଏ । ଯେଉଁ କାରଣରୁ ହସିବା ସମୟରେ ଅଧିକ ମାଢି ଦେଖାଯିବ ନାହିଁ ଏବଂ ଆମ ହସ ସୁନ୍ଦର ଦେଖାଯିବ ।

ଲିପ୍ ବୋଟୋକ୍ସ : ଏହି ପ୍ରକ୍ରିୟା ଆମ ଓଠକୁ ବଡ ଓ ସୁନ୍ଦର କରାଇବା ପାଇଁ କରାଯାଇଥାଏ । ଏହା ଓଠକୁ ବଡ ଓ ଫୁଲାଫୁଲା କରିଥାଏ ଯାହା ମୁହଁକୁ ଏକ ଗ୍ଲାମର ଲୁକ ଦେଇଥାଏ ।

ନେକ୍ ବୋଟୋକ୍ସ : ଏହା ଆମର ବେକକୁ ସୁନ୍ଦର କରିବାକୁ ବ୍ୟବହାର କରାଯାଇଥାଏ । ଆମର ଜ ଲାଇନ୍‌କୁ ଟାଇଟ କରି ବେକରେ ଥିବା ମସଲକୁ ଟାଇଟ କରାଇବା ପାଇଁ ଏହି ପ୍ରକ୍ରିୟାକୁ ବ୍ୟବହାର କରାଯାଇଥାଏ ।



ସେଲିବ୍ରିଟିଙ୍କ ଅପିଲ

ଶେଫାଳୀଙ୍କ ମୃତ୍ୟୁ ପରେ ସମସ୍ତେ ତାଙ୍କ ପରିବାରକୁ ସମବେଦନା ଦେବାରେ ଲାଗିଛନ୍ତି । ତେବେ ତାଙ୍କ ମୃତ୍ୟୁ ବର୍ତ୍ତମାନ ଯେପରି ଅନେକ ସେଲିବ୍ରିଟିଙ୍କ ପାଇଁ ଏକ ସଚେତନତାର ଘଣ୍ଟି ପାଲଟିଛି । ଅନେକ ସେଲିବ୍ରିଟି ବର୍ତ୍ତମାନ ବିୟୁଟି ଟ୍ରିଟମେଣ୍ଟର ନକରାତ୍ମକତାକୁ ନେଇ କଥା ହେବା ଆରମ୍ଭ କରିଛନ୍ତି । ଏପରିକି ସେମାନେ ଅପିଲ ମଧ୍ୟ କରିଛନ୍ତି କି ଏଭଳି ବିୟୁଟି ଟ୍ରେଟମେଣ୍ଟଠାରୁ ଦୂରରେ ରହିବାକୁ । ଏଥିରେ ସାମିଲ ଅଛନ୍ତି ବଲିଉଡ ଅଭିନେତ୍ରୀ ମଲ୍ଲିକା ଶେରାୱତ । ମଲ୍ଲିକା ନିଜ ସୋସିଆଲ ମିଡିଆରେ ପୋଷ୍ଟ କରି ଲୋକଙ୍କୁ ବୋଟୋକ୍ସ ଓ ଫିଲରଠାରୁ ଦୂରରେ ରହିବାକୁ ଅନୁରୋଧ କରିଛନ୍ତି । ଯୁବ ଅବସ୍ଥା ପଛରେ ଗୋଡାଇଗୋଡାଇ ଆମେ ଜୀବନଠାରୁ ଦୂରେଇ ଯାଉଛେ ବୋଲି ସେ ମତ ଦେଇଛନ୍ତି । ସବୁବେଳେ ଭଲ ଖାଦ୍ୟ, ଭଲ ନିଦ ଓ ବ୍ୟାୟାମ (ଯେତିକି ଶରୀର ପାଇଁ ହିତକର) କରି ସୁସ୍ଥ ରହିବାକୁ ମଲ୍ଲିକା ଅନୁରୋଧ କରିଛନ୍ତି । ସୌନ୍ଦର୍ଯ୍ୟ ପାଇଁ ଜୀବନକୁ ବାଜି ନଲଗାଇବାକୁ ସେ ମତ ଦେଇଛନ୍ତି । ଏହାପରକୁ ଅଛନ୍ତି ରାକ୍ଷୀ ଶାୱନ୍ତ, ଯିଏ ପତଳା ହେବାର ଆବଶ୍ୟକତା ନାହିଁ ବୋଲି ମତ ଦେଇଛନ୍ତି । ଗ୍ଲାମର ପାଇଁ ପତଳା ହେବାର କଣ ଆବଶ୍ୟକତା ରହିଛି ବୋଲି ସେ ଏକ ଭିଡିଓ ପୋଷ୍ଟ କରି ମତ ଦେଇଛନ୍ତି । ଯେତେବେଳେ ବି ଭୋକ ଲାଗୁଛି ଆମକୁ ଖାଇବାର ଅଛି ବୋଲି ରାକ୍ଷୀ ମତ ଦେଇଛନ୍ତି । ସେହିଭଳି ବଡ଼ି ସେମିଂକୁ ମଧ୍ୟ ରାକ୍ଷୀ ନିନ୍ଦା କରୁଥିବାର ଏହି ଭିଡିଓରେ ଦେଖିବାକୁ ମିଳୁଛି । ଏହି ବଡି ସେମିଂ କାରଣରୁ ସମସ୍ତେ ପତଳା ଓ ସୁନ୍ଦର ହେବାକୁ ଚେଷ୍ଟା କରୁଛନ୍ତି ବୋଲି ରାକ୍ଷୀ କହିଛନ୍ତି ।



ଜୀବନଶୈଳୀର ପ୍ରଭାବ

ସେଲିବ୍ରିଟି ହୁଅନ୍ତୁ କି ସାଧାରଣ ଲୋକ ସମସ୍ତଙ୍କ ସ୍ୱାସ୍ଥ୍ୟ ଉପରେ ଜୀବନଶୈଳୀର ପ୍ରଭାବ ଖୁବ ଅଧିକ ରହିଥାଏ । ଅସ୍ୱାସ୍ଥ୍ୟକର ଜୀବନଶୈଳୀ ଅନେକ ସ୍ୱାସ୍ଥ୍ୟ ସମସ୍ୟାର ପ୍ରାଥମିକ କାରଣ ସାଜିଥାଏ । କେବଳ ବ୍ୟାୟାମ କରିବା ଦ୍ୱାରା ଆମ ସ୍ୱାସ୍ଥ୍ୟ ଠିକ୍ ରହିବ ଏହା ଭାବିବା ଭୁଲ । ବ୍ୟାୟାମ ସହିତ ଏକ ସୁସ୍ଥ ଜୀବନଶୈଳୀର ଖୁବ ଆବଶ୍ୟକତା ରହିଥାଏ । ଆଜିକାଲି ଦେଖିବାକୁ ମିଳୁଥିବା ସେଲିବ୍ରିଟିଙ୍କର ଅକସ୍ମାତ ହୃଦଘାତରେ ମୃତ୍ୟୁ ପଛରେ ଏହା ମଧ୍ୟ ଏକ କାରଣ ରହୁଛି । ସେମାନଙ୍କ ଜୀବନଶୈଳୀରେ ଏଭଳି ଅନେକ ଅଭ୍ୟାସ ରହୁଛି ଯାହା ସେମାନଙ୍କୁ ମୃତ୍ୟୁ ଆଡକୁ ଟାଣି ନେଉଛି । ତେବେ ଆସନ୍ତୁ ଜାଣିବା ଆମ ହୃଦୟକୁ ସୁସ୍ଥ ରଖିବା ପାଇଁ କିଭଳି ରହିବା ଦରକାର ଆମ ଜୀବନଶୈଳୀ ।

ସ୍ୱାସ୍ଥ୍ୟକର ଖାଦ୍ୟ

ସୁସ୍ଥଜୀବନର ପ୍ରଥମ ସୋପାନ ହେଲା ସ୍ୱାସ୍ଥ୍ୟକର ଖାଦ୍ୟ । ସବୁବେଳେ ସନ୍ତୁଳିତ ଆହାର ଖାଇବାକୁ ପ୍ରାଧାନ ଦିଅନ୍ତୁ । ଖାଦ୍ୟରେ ଫଳ, ପନିପରିବା, ବିଭିନ୍ନ ଶସ୍ୟ, ପ୍ରୋଟିନ୍‌କୁ ସାମିଲ କରନ୍ତୁ । ସବୁବେଳେ ଚେଷ୍ଟା କରନ୍ତୁ ଯାହା ଖାଉଛନ୍ତି ଘରେ ପ୍ରସ୍ତୁତ କରି ଖାଇବେ । ସତେଜ ଖାଦ୍ୟ ସବୁବେଳେ ଆମକୁ ବଳ ଯୋଗାଇଥାଏ । ସେହିଭଳି ବଜାରରେ ମିଳୁଥିବା ପ୍ୟାକେଜ୍ଡ ଫୁଡ ଠାରୁ ଦୂରରେ ରୁହନ୍ତୁ । ଖାଦ୍ୟରେ ତେଲର ମାତ୍ରା କମ ରଖନ୍ତୁ । ସବୁବେଳେ ବେଶି ସିଝା ଖାଦ୍ୟ ଖାଇବାକୁ ପ୍ରାଧାନ୍ୟ ଦିଅନ୍ତୁ । ନିଶା ଦ୍ରବ୍ୟଠାରୁ ଦୂରରେ ରୁହନ୍ତୁ । ସେହିଭଳି ଯଦି କୌଣସି ନିର୍ଦ୍ଦିଷ୍ଟ ସ୍ୱାସ୍ଥ୍ୟ ସମସ୍ୟା ରହିଛି ତେବେ ଡାକ୍ତରଙ୍କ ପରାମର୍ଶରେ ଡାଏଟ୍ ଗ୍ରହଣ କରନ୍ତୁ । ସବୁବେଳେ ଯାହା ବି ଖାଉଛନ୍ତି କୌଣସି ଏକ୍ସପର୍ଟଙ୍କ ସହାୟତା ନିଅନ୍ତୁ ।

ବ୍ୟାୟାମ

ଖାଦ୍ୟ ସହିତ ବ୍ୟାୟାମ ପ୍ରଭାବ ଆମ ଜୀବନ ଉପରେ ଖୁବ ଅଧିକ ରହିଛି । ସବୁଦିନ ଭଲ ଖାଦ୍ୟ ଖାଇବା ସହିତ କିଛି ସମୟ ବ୍ୟାୟମ କରନ୍ତୁ । ପ୍ରତିଦିନ ସନ୍ଧ୍ୟା ହେଉ କିମ୍ବା ସକାଳେ କିଛି ସମୟ ଚାଲନ୍ତୁ । ଚାଲିବା ଆମ ସ୍ୱାସ୍ଥ୍ୟ ପାଇଁ ଖୁବ ଲାଭ ଦାୟକ ହୋଇଥାଏ । କେବଳ ଚାଲିବା ନୁହେଁ ଆପଣ ଜିମ୍ ଯାଇପାରିବେ କିମ୍ବା ଘରେ ରହି ମଧ୍ୟ ଛୋଟଛୋଟ ବ୍ୟାୟାମ କରିପାରିବେ । ଏହି ବ୍ୟାୟାମ ଆପଣଙ୍କୁ ଫିଟ୍ ରଖିବାରେ ଖୁବ ସହାୟକ ହେବ । ଏଥିରେ ସାଇକିଲିଂ, ସୁଇମିଂ ଆଦିକୁ ସାମିଲ କରିପାରିବେ ।

ନିଶାଦ୍ରବ୍ୟ ଠାରୁ ଦୂରରେ

ସବୁବେଳେ ଚେଷ୍ଟା କରନ୍ତୁ ଯେ କୈଣସି ନିଶା ଠାରୁ ଦୂରରେ ରହିବାକୁ । ବିଶେଷଭାବେ ଧୂମପାନଠାରୁ ଦୂରେଇ ରୁହନ୍ତୁ । କୌଣସି ବି ନିଶା ଆମ ହୃଦୟ ପାଇଁ ଭଲ ହୋଇନଥାଏ । ଏହା ଦ୍ୱାରା ଆମର ହୃତଘାତର ଆଶଙ୍କା ବଢିଥାଏ ।

ଚିନ୍ତା ମୁକ୍ତ ରୁହନ୍ତୁ

ହୃଦଘାତର ଆଉ ଏକ କାରଣ ହୋଇଥାଏ ଚିନ୍ତା । ସବୁବେଳେ ଚିନ୍ତା ମୁକ୍ତ ରହିବାକୁ ଚେଷ୍ଟା କରନ୍ତୁ । ଚିନ୍ତାମୁକ୍ତ ରହିବା ଫଳରେ ଆପଣଙ୍କ ହୃଦୟ ସୁସ୍ଥ ରହିବ । କୌଣସି ସମସ୍ୟା ଆସିଲେ ଧୀରେସୁସ୍ଥେ ଏହାର ସମାଧାନ କରନ୍ତୁ ହଠାତ ଅଧିକ ଚିନ୍ତା କରନ୍ତୁ ନାହିଁ, ଏହା ହୃଦଘାତର କାରଣ ହୋଇପାରେ । ସେହିଭଳି ଷ୍ଟ୍ରେସ ମ୍ୟାନେଜ କରିବାକୁ ଯୋଗ ପ୍ରାଣାୟମର ସହାୟତା ନିଅନ୍ତୁ । ପ୍ରତିଦିନ ଧ୍ୟାନ ଓ ଯୋଗ କରିବା ଫଳରେ ଆପଣ ନିଜର ମାନସିକ ସ୍ୱାସ୍ଥ୍ୟକୁ ଭଲ ରଖିପାରିବେ । ସେହିଭଳି ନିଜର କାହାକୁ ସବୁବେଳେ ସମସ୍ୟା ବିଷୟରେ ଅବଗତ କରନ୍ତୁ, ଏକାଏକା ସବୁକୁ ମନରେ ରଖନ୍ତୁ ନାହିଁ । ଏପରି କରିବା ଦ୍ୱାରା ଅବସାଦ କମିବ ।

କାମକୁ କରନ୍ତୁ ବ୍ୟବସ୍ଥିତ

ସବୁବେଳେ ଘର କାମ ହେଉ କିମ୍ବା ଅଫିସ୍ କାମ ବ୍ୟବସ୍ଥିତ ଢଙ୍ଗରେ କରନ୍ତୁ । ଯାହାଫଳରେ ସଠିକ୍ ଢଙ୍ଗରେ କାମ ହୋଇପାରିବ ଏବଂ ଷ୍ଟ୍ରେସ କମିବ । ଅଯଥା ଚିନ୍ତାରୁ ମୁକ୍ତ ରହିବା ଆପଣଙ୍କ ପାଇଁ ବେଶ୍ ସ୍ୱାସ୍ଥ୍ୟକର ହେବ । ସବୁବେଳେ ବ୍ୟବସ୍ଥିତ ଢଙ୍ଗରେ କାମ କରିବା ଷ୍ଟ୍ରେସ ମ୍ୟାନେଜ କରିବାରେ ସହାୟକ ହେବ ।

ଡାକ୍ତରଙ୍କ ପରାମର୍ଶ

ଯଦି କିଛି ସ୍ୱାସ୍ଥ୍ୟ ସମସ୍ୟା ରହିଛି, ତେବେ ସବୁବେଳେ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ । ସେହିଭଳି ଯଦି ଚାହିଁବେ ମଝିରେ ମଝିରେ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ ଏବଂ ସ୍ୱାସ୍ଥ୍ୟର ଚେକଅପ କରନ୍ତୁ । ରେଗୁଲାର ଚେକଅପ ଦ୍ୱାରା ଯଦି କୌଣସି ସମସ୍ୟାଥିବ ତେବେ ଆଗରୁ ଜାଣିପାରିବେ ଏବଂ ଚିକିତ୍ସା କରାଇପାରିବେ ।

ସିଦ୍ଧାର୍ଥ ଶୁକ୍ଳା: ଟେଲି ଅଭିନେତା ତଥା ବିଗ୍ ବସ୍ ବିଜେତା ସିଦ୍ଧାର୍ଥ ଶୁକ୍ଳାଙ୍କ ମୃତ୍ୟୁ ଖୁବ ଚର୍ଚ୍ଚିତ ବିଷୟ ପାଲଟିଥିଲା । ତାଙ୍କର ମାତ୍ର ୪୦ ବର୍ଷ ବୟସରେ ହୃଦଘାତରେ ମୃତ୍ୟୁ ହୋଇଥିଲା । ତାଙ୍କର ମୃତ୍ୟୁ ଅନେକଙ୍କୁ ଚକିତ କରିଥିଲା । ସବୁଦିନ ଜିମ୍‌ଯାଉଥିବା ଓ ଡାଏଟ୍‌ରେ ଧ୍ୟାନ ଦେଉଥିବା ବ୍ୟକ୍ତିଙ୍କର ଏଭଳି ହଠାତ୍ ମୃତ୍ୟୁ ସମସ୍ତଙ୍କୁ ଚିନ୍ତାରେ ପକାଇଥିଲା । ତାଙ୍କ ଫ୍ୟାନ୍ ଓ ସମ୍ପର୍କୀୟଙ୍କ ପାଇଁ ଏହା ଏକ ସକିଂ ଖବର ଥିଲା । ଘରେ ଖାଇବା ପରେ ଶୋଇଥିବା ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା । ତେବେ ତାଙ୍କର ମୃତ୍ୟୁ ପରେ ଯୁବା ଅବସ୍ଥାରେ ହେଉଥିବା ହୃଦଘାତକୁ ନେଇ ଅନେକ ଆଲୋଚନା ଦେଖିବାକୁ ମିଳିଥିଲା । ତାଙ୍କ ହୃଦଘାତର କାରଣ ଭାବେ ତାଙ୍କର ଅଧିକ ଧୂମ ପାନକୁ ଦାୟୀ କରାଯାଇଥିଲା । ସେହିଭଳି ଅନ୍ୟପଟେ ସେ ନିଜର ବଡି ବନାଇବା ପାଇଁ ବ୍ୟବହାର କରୁଥିବା ଷ୍ଟେରୋଏଡ୍ ଓ ଅଧିକ କଠିନ ବ୍ୟାୟାମତୁ ମଧ୍ୟ ଏଥିପାଇଁ ଦାୟୀ କରାଯାଇଥିଲା । ହେଲେ ଏହାର ସଠିକ କାରଣ ଏପର୍ଯ୍ୟନ୍ତ ଜଣା ପଡିନାହିଁ । ଅନେକ କିନ୍ତୁ ସେଲିବ୍ରିଟିଙ୍କ ଲାଇଫଷ୍ଟାଇଲକୁ ସବୁବେଳେ ଏଥିପାଇଁ ଦାୟୀ କରିଥାଆନ୍ତି । ୧୯୮୦ ମସିହାରେ ଜନ୍ମିତ ସିଦ୍ଧାର୍ଥଙ୍କର ୨୦୨୧ ମସିହାରେ ମୃତ୍ୟୁ ହୋଇଥିଲା । ବିଗବସର ବିଜେତା ପରେ ତାଙ୍କର ପୁରା ଭାରତରେ ଘରେ ଘରେ ପରିଚୟ ସୃଷ୍ଟି କରିପାରିଥିଲେ । ତାଙ୍କର ଅନେକ ହିଟ୍ ଟିଭି ସିରିଏଲ ରହିଛି,ଯାହାକୁ ଆଜିବି ଦର୍ଶକ ଭଲପାଇବା ଦେଇଥାଆନ୍ତି ।

ପୁନିତ୍ ରାଜ କୁମାର: କନ୍ନଡ ସିନେମାରେ ଜଣେ ପରିଚିତ ଚେହେରା ଥିଲେ ପୁନିତ୍ ରାଜ କୁମାର । ତାଙ୍କର ଜଣେ ଅଭିନେତା ତଥା ସିଙ୍ଗର ଭାବେ ଅନେକ ଖ୍ୟାତି ରହିଥିଲା । ତାଙ୍କ ଫିଲ୍ମ ଫିଲ୍ମ ଅପ୍ପୁ, ମିଲନ, ରାଜକୁମାରକୁ ଦର୍ଶକ ଆଜି ବି ଭଲ ପାଇବା ଦେଇଥାଆନ୍ତି । ତେବେ ଏହି ପ୍ରତିଭାବାନ ଅଭିନେତାଙ୍କର ବୟସ ଥିଲା କିନ୍ତୁ ଖୁବ ସ୍ୱଳ୍ପ । ମାତ୍ର ୪୬ ବର୍ଷ ବୟସରେ ହୃଦଘାତରେ ତାଙ୍କର ଜୀବନ ଚାଲିଯାଇଥିଲା । ୧୯୭୫ ମସିହାରେ ଜନ୍ମିତ ପୁନିତଙ୍କର ୨୦୨୧ରେ ମସିହାରେ ମୃତ୍ୟୁ ହୋଇଥିଲା । ତାଙ୍କ ମୃତ୍ୟୁ କନ୍ନଡ ଫିଲ୍ମ ସହିତ ବଲିଉଡରେ ମଧ୍ୟ ଶୋକର ଛାୟା ଖେଳାଇ ଦେଇଥିଲା । ଏତେ ଫିଟ୍ ରହୁଥିବା ମଣିଷଙ୍କର ଏଭଳି ମୃତ୍ୟୁକୁ କେହି ଗ୍ରହଣ କରିପ୍‌ାରିନଥିଲେ ।

କେକେ: କ୍ରିଷ୍ଣାକୁମାର କୁନ୍ନାଥ ବା କେକେଙ୍କର ମୃତ୍ୟୁକୁ ତାଙ୍କ ଫ୍ୟାନମାନେ କେ କେ ବେ ଭୁଲିପାରିବେ ନାହିଁ । ଏହି ସିଙ୍ଗରଙ୍କର ଦେହ ଷ୍ଟେଜରେ ଗୀତ ଗାଉଥିବା ସମୟରେ ହିଁ ଖରାପ ହୋଇଥିଲା, ଯାହାପରେ ଡାକ୍ତରଖାନାରେ ତାଙ୍କର ମୃତ୍ୟୁ ହୋଇଥିଲା । ସୂଚନା ଅନୁସାରେ ଷ୍ଟେଜରେ ଗୀତ ଗାଉଥିବା ସମୟରେ ତାଙ୍କର ଛାତିରେ ଯନ୍ତ୍ରଣା ଅନୁଭବ ହୋଇଥିଲା । ଏହାପରେ ତାଙ୍କୁ ତୁରନ୍ତ ଡାକ୍ତରଖାନାକୁ ନିଆଯାଇଥିଲା ହେଲେ କୌଣସି ଲାଭ ହୋଇନଥିଲା । ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା । ସେ ମଧ୍ୟ ଖୁବ ଫିଟ୍‌ରହୁଥିବା ମଣିଷଥିଲେ । ଅଧିକ ଟାଇମ ବ୍ୟାୟାମ କରି ସୁସ୍ଥ ରହିବା ପାଇଁ ସବୁବେଳେ ଚେଷ୍ଟା କରୁଥିବା ମଣିଷଙ୍କର ହୃଦଘାତରେ ମୃତ୍ୟୁକୁ କେହି ସହଜରେ ଗ୍ରହଣ କରିପାରିନଥିଲେ ।

ସେଲିବ୍ରିଟିମାନେ ସବୁବେଳେ ନିଜ ସ୍ୱାସ୍ଥ୍ୟକୁ ନେଇ ଖୁବ ଯତ୍ନବାନ ରହିଥାଆନ୍ତି, ତେଣୁ ସେମାନଙ୍କ କ୍ଷେତ୍ରରେ କୌଣସି ସ୍ୱାସ୍ଥ୍ୟ ସମସ୍ୟାକୁ ସହଜରେ ଗ୍ରହଣ କରିହୋଇ ନଥାଏ । ହେଲେ ଗତ କିଛି ବର୍ଷ ଭିତରେ ଅନେକ ସେଲିବ୍ରିଟିଙ୍କର ହାର୍ଟ ଆଟାକ୍‌ରେ ମୃତ୍ୟୁ ହୋଇଥିବା ଦେଖିବାକୁ ମିଳୁଛି । ଏମାନଙ୍କ ଭିତରେ ୪୦ – ୫୦ ବର୍ଷୀୟ ସେଲିବ୍ରିଟି ମଧ୍ୟ ସାମିଲ ଅଛନ୍ତି । ଆସନ୍ତୁ ସେହିଭଳି କିଛି ସେଲିବ୍ରିଟିଙ୍କ ମୃତ୍ୟୁ ସମ୍ପର୍କରେ ।

ରାଜୁ ଶ୍ରୀବାସ୍ତବ: ରାଜୁ ଶ୍ରୀବାସ୍ତବଙ୍କ ମୃତ୍ୟୁ ସମସ୍ତଙ୍କୁ ସ୍ତବ୍ଧ କରିଦେଇଥିଲା । ଖୁବ ଆକ୍ଟିଭ ରହୁଥିବ ଲୋକଙ୍କର ହଠାତ୍ ମୃତ୍ୟୁକୁ କେହି ସହଜରେ ଗ୍ରହଣ କରିପାରିନଥିଲେ । ୧୯୬୩ରେ ଜନ୍ମିତ ରାଜୁ ଶ୍ରୀବାସ୍ତବଙ୍କର ୨୦୨୨ରେ ମୃତ୍ୟୁ ହୋଇଥିଲା । ସେ ଜଣେ ହାସ୍ୟ ଅଭିନେତା, କବି ତଥା ରାଜନେତା ଭାବେ ପରିଚିତଥିଲେ । ୨୦୨୨ରେ ମାତ୍ର ୫୮ବର୍ଷରେ ତାଙ୍କର ହୃଦଘାତ ହୋଇଥିଲା, ଏହାପରେ ସେ ପାଖାପାଖି ୪୦ଦିନ ଡାକ୍ତରଖାନାର ଚିକିତ୍ସାଧୀନ ରହିଥିଲେ ଏବଂ ଏହାପରେ ତାଙ୍କର ମୃତ୍ୟୁ ହୋଇଥିଲା । ତାଙ୍କ ମୃତ୍ୟୁରେ କମେଡି ଦୁନିଆରେ ଏକ ଅପୂରଣୀୟ ଖାଲି ସ୍ଥାନ ସୃଷ୍ଟି ହୋଇଥିଲା ଯାହା ଆଜିଯାଏଁ ବି ପୂରଣ ହୋଇନାହିଁ ।

ରାଜୀବ କପୁର: ଭାରତୀୟ ଅଭିନେତା ରାଜୀବ କପୁର ନିଜ ନିଖୁଣ ଅଭିନୟ ପାଇଁ, ଆଜିବି ଦର୍ଶକଙ୍କ ମନରେ ଏକ ସ୍ୱତନ୍ତ୍ରସ୍ଥାନ ରଖିଛନ୍ତି । ରାମତେରି ଗଙ୍ଗା ମେଲିରେ ତାଙ୍କ ଅଭିନୟ ସମସ୍ତଙ୍କୁ ଖୁବ ଭଲ ଲାଗିଥିଲା । ଏହି ଫିଲ୍ମପରେ ତାଙ୍କର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି ହୋଇଥିଲା । ସେ କପୁର ପରିବାରର ଅଂଶ ଥିଲେ । ତେବେ ତାଙ୍କର ହଠାତ୍ ମୃତ୍ୟୁ ସେତେବେଳେ ଖୁବ ଚର୍ଚ୍ଚାର ବିଷୟ ପାଲଟିଥିଲା । ତାଙ୍କର ମାତ୍ର ୫୮ ବର୍ଷ ବୟସରେ ମୃତ୍ୟୁ ହୋଇଥିଲା । ତାଙ୍କର ଅକସ୍ମାତ ମୃତ୍ୟୁର କାରଣ ଥିଲା ହୃଦଘାତ । ମୁମ୍ବାଇର ରଣଧୀର କପୁରଙ୍କ ବାସଭବନରେ ତାଙ୍କର ମୃତ୍ୟୁ ହୋଇଥିବା ସୂଚନା ମିଳିଥିଲା । ଏତେ ଫିଟ୍ ଲାଇଫ୍ ଷ୍ଟାଇଲ ମେଣ୍ଟେନ କରୁଥିବା ଜଣେ ବ୍ୟକ୍ତିଙ୍କର ହୃଦଘାତରେ ମୃତ୍ୟୁ ମର୍ମାହତ କରିଥିଲା ।

ଚିରଞ୍ଜୀବୀ ସରଜା: କନ୍ନଡ ଫିଲ୍ମ ଇଣ୍ଡଷ୍ଟ୍ରୀରେ ଜଣେ ପରିଚିତ ଚେହେରା ହେଲେ ଚିରଞ୍ଜୀବୀ ସରଜା । ମାତ୍ର ୧୧ ବର୍ଷର କ୍ୟାରିୟରରେ ସେ ୨୦ଟି ଫିଲ୍ମରେ ଅଭିନୟ କରିଥିଲେ । ତେବେ ତାଙ୍କ ମୃତ୍ୟୁ ସମସ୍ତଙ୍କୁ ଖୁବ କଷ୍ଟ ଦେଇଥିଲା । ୧୯୮୦ରେ ଜନ୍ମିତ ଚିରଞ୍ଜୀବୀଙ୍କର ମାତ୍ର ୩୯ ବର୍ଷରେ ହୃଦଘାତରେ ମୃତ୍ୟୁ ହୋଇଥିଲା । ୬ ଜୁନ୍ ୨୦୨୦ରେ ତାଙ୍କୁ ହଠାତ୍ ନିଃଶ୍ୱାସ ନେବାରେ ସମସ୍ୟା ହୋଇଥିଲା ଯାହାପରେ ତାଙ୍କୁ ଡାକ୍ତରଖାନା ନିଆଯାଇଥିଲା, ଯେଉଁଠାରେ ତାଙ୍କର ମୃତ୍ୟୁ ହୋଇଥିଲା । ମୃତ୍ୟୁର କାରଣ ଭାବେ ଡାକ୍ତର ହୃଦଘାତ କହିଥିଲେ ।

ସଞ୍ଜୟ କପୁର: ନିକଟରେ କରିଶ୍ମାଙ୍କ ସ୍ୱାମୀ ସଞ୍ଜୟ କପୁରଙ୍କର ମୃତ୍ୟୁ ସମସ୍ତଙ୍କୁ ଗଭୀରଭାବେ ଚିନ୍ତାରେ ପକାଇଥିଲା । ସଞ୍ଜୟ କପୁର ଯିଏ ସବୁବେଳେ ଫିଟନେସର ଉଦାହରଣ ଭାବେ ପରିଗଣିତ ହୋଇଥାଆନ୍ତି, ତାଙ୍କର ମୃତ୍ୟୁ ହୃଦଘାତ କାରଣରୁ ହୋଇଥିଲା । ଗଲ୍ଫ ଖେଳୁଥିବାବେଳେ ହଠାତ୍ ତାଙ୍କର ନିଃଶ୍ୱାସ ପ୍ରଶ୍ୱାସ ନେବାରେ ଅସୁବିଧା ହୋଇଥିଲା,ଏହାପରେ ତାଙ୍କୁ ତୁରନ୍ତ ଡାକ୍ତରୀ ଚିକିତ୍ସା ଦିଆଯାଇଥିଲା ହେଲେ ତାଙ୍କର ମୃତ୍ୟୁ ହୋଇଯାଇଥିଲା । ମୃତ୍ୟୁ ବେଳକୁ ତାଙ୍କୁ ମାତ୍ର ୫୩ ବର୍ଷ ବୟସ ହୋଇଥିଲା ।



ମୃଣାଳ

mrinalchatterjeeiimc@gmail.com

ପୁରୀରେ ଦଳାଚକଟାରେ ମୃତ୍ୟୁ

ଏ ଲେଖା ପ୍ରକାଶିତ ହେଲା ବେଳକୁ ରଥଯାତ୍ରା ସାରି ଯାଇଥିବ । ରଥ ଗହଳି ଭାଙ୍ଗି ଯାଇଥିବ । ରଥରେ ତିନି ଠାକୁରଙ୍କୁ ଦେଖିବାପାଇଁ ପୁରୀ ଆସିଥିବା ଦର୍ଶନାର୍ଥୀଙ୍କ ଭିତରୁ ଅଧିକାଂଶ ନିଜ ନିଜ ଘରକୁ ବାହୁଡ଼ି ଯାଇଥିବେ- ଦଳାଚକଟାରେ ପ୍ରାଣ ହରାଇଥିବା ଲୋକମାନଙ୍କ ଛଡା ।

ଦଳାଚକଟାରେ ପ୍ରାଣ ହରାଇଥିବା ଲୋକେ ସବୁଦିନ ପାଇଁ ପରିସଂଖ୍ୟାନ ହୋଇ ରହିଲେ, ବିରୋଧୀମାନଙ୍କ ପାଇଁ ଏକ ହତିଆର ହୋଇ ରହିଲେ, ଅନିୟନ୍ତ୍ରିତ ଭିଡ଼ ଯୋଗୁ କ'ଣ ହୋଇପାରେ ତା'ର ଉଦାହରଣ ହୋଇ ରହିଲେ । ଭିଡ଼ ନିୟନ୍ତ୍ରଣ ଦାୟିତ୍ୱରେ ଯେଉଁମାନେ ଥିଲେ, ସେମାନଙ୍କ ବିଫଳତାର କଳା ଦାଗ ହୋଇ ରହିଲେ । ପୁରୀରେ ଦଳାଚକଟାରେ ମୃତ୍ୟୁ ଇଏ ପ୍ରଥମ ଥର ନୁହଁ । ଈଶ୍ୱର ନ କରନ୍ତୁ- ଶେଷ ଥର ବି ନୁହଁ । ଯେତେପର୍ଯ୍ୟନ୍ତ ଆମେ ଶୃଙ୍ଖଳିତ ନ ହୋଇଛନ୍ତି, ଭିଡ଼ ନିୟନ୍ତ୍ରଣ ବ୍ୟବସ୍ଥା ଲୋକାଭିମୁଖୀ ଏବଂ ମାନବିକ ନ ହୋଇଛି ଆଉ ଆମର 'ଅତି-ବିଶିଷ୍ଟ ଜନ ସଂସ୍କୃତି' (ଭିଆଇପି କଲଚର)ର ସାନ୍ଦ୍ରତା ନ କମିଛି – ସେତେଦିନ ଯାଏଁ ପୁରୀରେ ଦଳାଚକଟାରେ ମୃତ୍ୟୁ ହେଉଥିବ ।

ଚିର ବିଦାୟ ଡ.ଜୟନ୍ତ ନାର୍ଲିକର

ଗତ ୨୦ ମଇ ମହାରାଷ୍ଟ୍ରର ପୁନେଠାରେ ଭାରତର ବିଶିଷ୍ଟ ପଦାର୍ଥ ବିଜ୍ଞାନୀ ଜୟନ୍ତ ବିଷ୍ଣୁ ନାର୍ଲିକରଙ୍କର ପରଲୋକ ଘଟିଛି । ମୃତ୍ୟୁ ବେଳକୁ ତାଙ୍କୁ ୮୭ ବର୍ଷ ବୟସ ହୋଇଥିଲା । ନାର୍ଲିକରଙ୍କୁ ଭାରତର ଆଇନଷ୍ଟାଇନ ବୋଲି କୁହାଯାଏ । 'ହୋଏଲ-ନାର୍ଲିକର ଥିଓରୀ ଅଫ୍ ଗ୍ରାଭିଟି' ପାଇଁ ସେ ବେଶ୍ ପ୍ରସିଦ୍ଧ । ପଦାର୍ଥ ବିଜ୍ଞାନର ଅନ୍ୟ ବିଷୟ ସହିତ ଗଣିତ ଏବଂ କସ୍ମୋଲୋଜି ବା ବ୍ରହ୍ମାଣ୍ଡ ବିଜ୍ଞାନ ବାବଦରେ ସେ ଅନେକ ଗବେଷଣା କରିଥିଲେ ଏବଂ ଭାରତୀୟଙ୍କ ପାଇଁ ସେ ସମ୍ପର୍କିତ ଅନେକ ପୁସ୍ତକ ଲେଖିଥିଲେ । ତାଙ୍କର କିଛି ପୁସ୍ତକ ଏନବିଟି ଦ୍ୱାରା ଓଡ଼ିଆରେ ମଧ୍ୟ ଅନୁବାଦ ହୋଇଛି । ପୁନେର ସାବିତ୍ରୀବାଈ ଫୁଲେ ବିଶ୍ୱବିଦ୍ୟାଳୟ ପରିସରରେ ଥିବା ଆଇୟୁସିଏଏ ବା ଇଣ୍ଟର ୟୁନିଭର୍ସିଟି ସେଣ୍ଟର ଫର୍ ଆଷ୍ଟ୍ରୋନୋମି ଆଣ୍ଡ୍ ଆଷ୍ଟ୍ରୋ ଫିଜିକ୍ସ ପ୍ରତିଷ୍ଠାରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ଏବଂ ଏହାର ନିର୍ଦ୍ଦେଶକ ମଧ୍ୟ ରହିଥିଲେ । ବିଜ୍ଞାନ ପ୍ରତି ତାଙ୍କର ଅବଦାନ ପାଇଁ ୧୯୯୬ରେ ୟୁନେସ୍କୋ କଳିଙ୍ଗ ପୁରସ୍କାର ସହ ୨୦୦୪ରେ ପଦ୍ମବିଭୂଷଣ ସମ୍ମାନରେ ସମ୍ମାନିତ ହୋଇଥିଲେ । ଏହା ପୂର୍ବରୁ ୧୯୬୫ରେ ମାତ୍ର ୨୬ ବର୍ଷ ବୟସରେ ତାଙ୍କୁ ପଦ୍ମଭୂଷଣ ସମ୍ମାନରେ ସମ୍ମାନିତ କରାଯାଇଥିଲା ।



ସାନ୍ତାଳୀ ଭାଷାର ଲିପି 'ଅଲ-ଚିକି'କୁ ଏବର୍ଷ ୧୦୦ ପୂରିଲା । ଏ ଲିପିକୁ ସୃଷ୍ଟି କରିଥିଲେ ରଘୁନାଥ ମୁର୍ମୁ । ଗୁରୁ ଗୋମକେ (ମହାନ ଶିକ୍ଷକ) ରଘୁନାଥ ମୁର୍ମୁ (୧୯୦୫-୧୯୮୨) ଜଣେ ଅଭିନବ ଚିନ୍ତକ ଥିଲେ । ତାଙ୍କୁ ଯେତେବେଳେ ୨୦ ବର୍ଷ ବୟସ, ସେତେବେଳେ ୧୯୨୫ରେ ସେ ସାନ୍ତାଳୀ ଭାଷା ପାଇଁ 'ଓଲ ଚିକି' ନାମକ ଲିପି ସୃଷ୍ଟି କରିଥିଲେ । ସେ ତାଙ୍କ ସାରା ଜୀବନ ଏହି ଲିପିକୁ ଲୋକମାନଙ୍କ ମଧ୍ୟରେ ଏବଂ ପ୍ରଶାସନ ଓ ଶାସକଙ୍କ ଦ୍ୱାରା ଆଧିକୃତ ସ୍ୱୀକୃତି ମିଳିବା ପାଇଁ ନିବିଡ଼ ପ୍ରୟାସ କରିଥିଲେ । ରଘୁନାଥ ମୁର୍ମୁ ଏହି ଲିପିରେ ୧୫୦ରୁ ଊର୍ଦ୍ଧ୍ୱ ବହି ଲେଖିଛନ୍ତି । ତା ଭିତରେ ଗପ, କାହାଣୀ, ନାଟକ, ଗୀତ କବିତା, ପାଠ୍ୟବହି ଇତ୍ୟାଦି ସାମିଲ । ତାଙ୍କର ନାଟକ 'ବିଦୁ ଚନ୍ଦନ' ଆଦିବାସୀ ଜାଗରଣର ସାଂସ୍କୃତିକ ଭିତ୍ତି ଭାବରେ ପ୍ରତିଷ୍ଠିତ । ଏ ନାଟକଟିରେ ଉଭୟ ବିଦୁ ଓ ଚନ୍ଦନ ହେଲେ ଦେବତା । ଏମାନେ ସୃଷ୍ଟି କରନ୍ତି ଅଲ-ଚିକି ଭାଷା । ଅଲ-ଚିକି ଭାଷାକୁ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ସାନ୍ତାଳମାନେ ରହୁଥିବା ବିଭିନ୍ନ ପ୍ରଦେଶର ବିଭିନ୍ନ ସ୍ଥାନରେ ଏ ନାଟକଟିକୁ ପ୍ରଦର୍ଶିତ କରାଯାଉଥିଲା । କ୍ରମଶଃ କିଛି ଲୋକେ ବିଦୁ – ଚନ୍ଦନଙ୍କୁ ଜ୍ଞାନର ଦେବ ଓ ଦେବୀ ଭାବରେ ପୂଜା କରିବାକୁ ଲାଗିଲେ । ଏପର୍ଯ୍ୟନ୍ତ ଏ ପରମ୍ପରା ରହିଛି ।

'ଅଲ-ଚିକି'ର ସ୍ରଷ୍ଟା

ଅଲଚିକି ଭାଷାରେ ବହି ଛାପିବା ପାଇଁ ସେ ଏକ ଛପା ମେଶିନ ତିଆରି କରେଇଥିଲେ । ସାନ୍ତାଳ ବହୁଳ ଅଞ୍ଚଳରେ ଅଲଚିକି ଭାଷାର ପ୍ରସାର ପାଇଁ ବିଭିନ୍ନ ସଙ୍ଗଠନ ଗଢ଼ିଥିଲେ । ୧୯୮୨ରେ ତାଙ୍କର ଦେହାନ୍ତ ହେଲା । ଅଲ ଚିକିର ପ୍ରସାର ପାଇଁ ସେ କେତେଗୁଡ଼ିଏ ସଙ୍ଗଠନ ମଧ୍ୟ ତିଆରି କରିଥିଲେ । ୧୯୮୨ ଫେବୃଆରୀ ୧ ତାରିଖରେ ତାଙ୍କର ଦେହାନ୍ତ ହୋଇଥିଲା । ସାନ୍ତାଳୀ ଭାଷାକୁ ସ୍ୱୀକୃତି ଦେବାର ପ୍ରଚେଷ୍ଟା ଜାରି ରହିଲା । ୨୦୦୩ରେ ଏହା ଅଷ୍ଟମ ସେଡ୍ୟୁଲ ଅନ୍ତର୍ଭୁକ୍ତ ହେଲା । ବର୍ତ୍ତମାନ ଓଡ଼ିଶା ସହ ବିଭିନ୍ନ ରାଜ୍ୟରେ ସାନ୍ତାଳୀ ଭାଷା ଅଲଚିକି ଲିପିରେ ଶିକ୍ଷା ଦିଆଯାଉଛି । ଓଡ଼ିଶା ସରକାର ପ୍ରାଥମିକ ସ୍ତରରୁ ବିଶ୍ୱବିଦ୍ୟାଳୟ ସ୍ତର ଯାଏ ଅଲଚିକି ଲିପିରେ ଶିକ୍ଷା ଦେବାର ବ୍ୟବସ୍ଥା କରିବେ ବୋଲି ସରକାରୀ ଭାବେ ଘୋଷଣା କରିଛନ୍ତି । ଅଲଚିକି ଲିପିରେ ସମ୍ବାଦପତ୍ର, ପତ୍ରପତ୍ରିକା ପ୍ରକାଶିତ ହେଉଛି । ଅଲଚିକି ଲିପିରେ ପ୍ରକାଶିତ ପ୍ରଥମ ପତ୍ରିକା 'ଫାଗୁନ' ୨୦୦୮ ଏପ୍ରିଲରେ ଭୁବନେଶ୍ୱରରୁ ପ୍ରକାଶିତ ହୁଏ । ଜାମଶେଦପୁରରୁ ପ୍ରକାଶିତ ହେଉଛି ସମ୍ବାଦ ପତ୍ର 'ଖବର କାଗଜ' । ବହୁ ଇ-ପତ୍ରପତ୍ରିକା ମଧ୍ୟ ଆତ୍ମପ୍ରକାଶ କଲାଣି । ଅଲଚିକି ଭାଷାରେ ଅନେକ ବହି ଏବଂ ସରକାରୀ ଭାବରେ ବ୍ୟବହୃତ ନଥିପତ୍ର ମଧ୍ୟ ପ୍ରକାଶିତ ହେଉଛି । ସାନ୍ତାଳ ଅଧ୍ୟୁଷିତ ବହୁ ରାଜ୍ୟରେ ସାନ୍ତାଳୀ ଭାଷା ଏବଂ ଅଲଚିକି ଲିପିର ପ୍ରସାର ପାଇଁ ବହୁ ସଙ୍ଗଠନ କାମ କରୁଛନ୍ତି । ରଘୁନାଥ ମୁର୍ମୁ ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ଲୋକ । ଯଦିଓ ମୁଁ ୧୯୯୦ ଦଶକର ଆରମ୍ଭରେ ପାଞ୍ଚ ବର୍ଷ ମୟୂରଭଞ୍ଜ ଜିଲ୍ଲା ମୁଖ୍ୟ ସହର ବାରିପଦାରେ ସାମ୍ବାଦିକ ଭାବେ ଥିଲି, ତଥାପି ତାଙ୍କ ବିଷୟରେ ଅଧିକ ଜାଣିନଥିଲି । ଏବେ ଯେତେବେଳେ ମୁଁ ତାଙ୍କ ବିଷୟରେ ପଢୁଛି, ମୋତେ ଦୃଢ଼ ଭାବେ ଲାଗୁଛି ଯେ ତାଙ୍କ ଉପରେ ଏକ ଫିଚର ଫିଲ୍ମ ତିଆରି ହେବା ଉଚିତ ।



ଆମେ ଯେଉଁମାନେ ୫୦/୬୦ ବର୍ଷରେ ପହଞ୍ଚିଲୁଣି ସେମାନେ କ୍ରିକେଟ୍ର କ୍ଲାସିକ୍ ଯୁଗର ହୁଏତ ଶେଷ ଧାଡ଼ିର ଜଣେ ଜଣେ ଦର୍ଶକ ଥିଲୁ । ଯେତେବେଳେ କ୍ରିକେଟ୍ ଥିଲା ଶୈଳୀ, କୌଶଳ ଏବଂ ବ୍ୟକ୍ତିତ୍ୱର ଗୋଟେ ମେଳ-ବନ୍ଧନ । ସଚିନ ତେନ୍ଦୁଲକରଙ୍କ ବ୍ୟାଟିଂ, ୱାକର ୟୁନୁସଙ୍କର ରିଭର୍ସ ସୁଇଙ୍ଗ, ଜଣ୍ଟି ରୋଡ୍ସଙ୍କ ଫିଲ୍ଡିଂ, ସେନୱାର୍ଣ୍ଣଙ୍କର ଟର୍ଣ୍ଣ ସ୍ପିନ୍ ଇତ୍ୟାଦି ମିଶି ସେଇ କ୍ରକେଟ ଏକ ନାନ୍ଦନିକ ବିକ୍ଷଣର ନାଁ ଥିଲା । ସମୟ

କ୍ରିକେଟର ଅତି ବିନୋଦୀକରଣ

ସହିତ କ୍ରିକେଟ ବଦଳିଛି, ବଦଳି ଯାଇଛି ତା'ର ଚରିତ୍ର, ଦୃଷ୍ଟିଭଙ୍ଗୀ ଏବଂ ଦର୍ଶନର ଭିତ୍ତି । ଏ ପରିବର୍ତ୍ତନର କେନ୍ଦ୍ରରେ ରହିଛି ଭାରତୀୟ କର୍ପୋରେଟ ପୁଞ୍ଜି ଲଗାଣ ଆଉ ତା'ର ସବୁଠାରୁ ସ୍ପଷ୍ଟ ପ୍ରକାଶ ହେଉଛି ଇଣ୍ଡିଆନ ପ୍ରିମିୟର ଲିଗ୍- ଆଇପିଏଲ । ଆଇପିଏଲ ବିନୋଦନର ନୂଆ ବ୍ୟାକରଣ ନିର୍ମାଣ କରିଛି । ଅନ୍ୟ ଦିଗରେ ଏହା କ୍ରିକେଟର ଐତିହବାହୀ ଷ୍ଟ୍ରକଚରକୁ ଭାଙ୍ଗି ଏକ ଧରଣର ଭୋଗବାଦୀ ସଂସ୍କୃତିର ଜନ୍ମ ଦେଇଛି । ଯେଉଁଠି ପଣ୍ୟ ମୁଖ୍ୟ । ଯେଉଁଠି ଖେଳାଳି କେବଳ ଜଣେ କ୍ରିଡ଼ାବିତ୍ ନୁହନ୍ତି ବରଂ ଗୋଟେ ବ୍ରାଣ୍ଡ୍ ଆଉ ଖେଳ କେବଳ ଖେଳ ନୁହେଁ ବରଂ ଏକ ଟିଭି ଶୋ' । ଏ କ୍ରିକେଟ କ୍ରମଶଃ ଏକ ସାଂସ୍କୃତିକ ଉପନିବେଶବାଦର ଏକ ନୂଆ କୌଶଳ ଭାବରେ ନିଜକୁ ଉପସ୍ଥାପିତ କରିଛି । ଯେତେବେଳେ ଦର୍ଶକ କେବଳ କ୍ରିକେଟ ନଦେଖି ଅନ୍ୟ ଜିନିଷ ଦେଖିବାପାଇଁ ଆଗ୍ରହୀ ହୁଅନ୍ତି ତାହା ଚିୟର ଗାର୍ଲମାନଙ୍କର ନୃତ୍ୟ ହେଉ ବା ଅନ୍ୟାନ୍ୟ ବିଷୟ – ସେତେବେଳେ କ୍ରିକେଟ ଆଉ ଖେଳ ହୋଇ ରହେନାହିଁ । ତାହା ହୋଇଉଠେ ଭୋକ୍ତାଚାହିଦା ନିର୍ଭର ଏକ ସାମାଜିକ ପ୍ରହସନ । ଦର୍ଶକ ସେ ଦୃଶ୍ୟ ଦେଖି କେବଳ ଆନନ୍ଦିତ ହୁଏ ନାହିଁ ବରଂ ତା'ର ସ୍ୱାଭାବିକକରଣ ପ୍ରକ୍ରିୟାରେ ଅଂଶ ନିଏ । ଏଠି ଯୁଦ୍ଧଟା ଦୃଶ୍ୟମାନ ନୁହେଁ କିନ୍ତୁ ଯୁଦ୍ଧ ଅଛି । ଏହା ଏକ ସାଂସ୍କୃତିକ ଯୁଦ୍ଧ । ଆଗ୍ରାସୀ ସାମ୍ରାଜ୍ୟବାଦ ଏଠି ସେନାବାହିନୀ ପଠାଉ ନାହିଁ , ପଠାଉଛି ବିନୋଦନ ଏବଂ ପୁଞ୍ଜିଲଗାଣର ଚକ୍ରାନ୍ତ । ଏହି ଅନୁକରଣ ପ୍ରବଣତା ଆମର ସାଂସ୍କୃତିକ ମାନଚିତ୍ରରେ ଏକ ଆଲୋକହୀନ, ଆତ୍ମହୀନ ଭବିଷ୍ୟତ ଆଡକୁ ଇଙ୍ଗିତ କରେ । କ୍ରିକେଟ ଗୋଟେ ସମୟରେ ଥିଲା ମସ୍ତିଷ୍କ, ପେଶୀ ଏବଂ ବୁଦ୍ଧିର ଖେଳ- ଯେଉଁଠି ମାନସିକ ଦୃଢ଼ତା ଆଉ ଶାରୀରିକ କୌଶଳର ସମ୍ମିଶ୍ରଣ ଥିଲା କ୍ରିଡ଼ା ନନ୍ଦନର ଶୀର୍ଷରେ । କିନ୍ତୁ ଏବେ ତାହା ବଦଳି ଯାଉଛି । କ୍ରିକେଟ ଆଜି ଆଉ ଖେଳ ହୋଇନାହିଁ ବରଂ ଭୋଗ ମାଧ୍ୟମରେ ଶାସନର ଏକ ଅଭିନବ ଅସ୍ତ୍ରରେ ପରିଣତ ହେଉଛି ।

ସମସ୍ୟା

ଏବେ ଏତେ ଗରମ ପଡିଛି ଯେ ରାତିରେ ଆଖିକୁ ନିଦ ଆସୁନି । ତାକୁ ଟାଣି ଟାଣି ଆଣିବାକୁ ପଡୁଛି । ସକାଳେ ଆଖି ପତା ଖୋଲୁନି ତାକୁ ଖୋଲିବା ପାଇଁ ବହୁତ କସରତ କରିବାକୁ ପଡୁଛି । ଏଇଥିରେ ତ ମଣିଷ ଥକି ଯାଉଛି – କାମ କ'ଣ କରିବ !

ଗୁରୁଜ୍ଞାନ

ଯିଏ ରହିବ କଥା, ସେ ଏମିତିରେ ହିଁ ରହିବ ।
ଯେମିତି – ଚର୍ବି ।
ଯିଏ ଯିବା କଥା, ସେ ଏମିତିରେହିଁ ଯିବ
ଯେମିତି– ମୁଣ୍ଡ ବାଳ

ଦେଶ ପାଇଁ କ୍ୟାରିୟର ପଛ

ଦିଲ୍‌ଜିତ୍ ଦୋସାଞ୍ଜାଙ୍କର ଫିଲ୍ମ ସରଦାର ଜୀ ୩କୁ ନେଇ ଖୁବ ବାଦ ବିବାଦ ଦେଖିବାକୁ ମିଳୁଛି । ଏଥିରେ ପାକ ଅଭିନେତ୍ରୀଙ୍କ ଅଭିନୟକୁ ନେଇ ବିବାଦରେ ଅଛନ୍ତି ଦିଲ୍‌ଜିତ । ତେବେ ଏହି ବିବାଦରେ ମୁହଁ ଖୋଲିଛନ୍ତି ସିଙ୍ଗର ଆଦିତ୍ୟ ନାରାୟଣ । ସେ ଦିଲ୍‌ଜିତଙ୍କୁ ସମାଲୋଚନା କରୁଥିବାର ଦେଖିବାକୁ ମିଳିଛି । କ୍ୟାରିୟର ପାଇଁ ସେ କେବେ ବି ଦେଶକୁ ପଛରେ ପକାଇବେ ନାହିଁ ବୋଲି ମତ ଦେଇଛନ୍ତି । ଦିଲଜିତ୍‌ଙ୍କ ସ୍ଥାନରେ ସିଏ ଥିଲେ ଦେଶକୁ ପ୍ରଥମେ ଚୟନ କରିଥାଆନ୍ତେ ବୋଲି ଆଦିତ୍ୟ ତାଙ୍କ ମତରେ କହିଛନ୍ତି । ସେ ଜଣେ ଦେଶଭକ୍ତ ଓ ଅନ୍ୟ ଦେଶ ଆମ ଦେଶକୁ କ୍ଷତି ପହଞ୍ଚାଉଛି ତେଣୁ ତାକୁ ବିରୋଧ କରିବାକୁ ସେ କେବେ ହେଲେ ପଛଘୁଞ୍ଚା ଦେବେ ନାହିଁ ବୋଲି ଆଦିତ୍ୟ ପ୍ରକାଶ କରିଛନ୍ତି । ସେହିଭଳି ସେ ଦିଲଜିତ୍‌ଙ୍କର ନିଷ୍ପତ୍ତିକୁ ନିନ୍ଦା କରିଛନ୍ତି । ମୋ ଦେଶବାସୀଙ୍କ ଭଲପାଇବା ପାଇଁ ହିଁ ସେ ଷ୍ଟାର ହୋଇଛନ୍ତି, ତେଣୁ ତାଙ୍କର ସବୁ ନିଷ୍ପତ୍ତିରେ ଦେଶ ଆଗରେ ରହିବ ବୋଲି ଆଦିତ୍ୟ ମତ ଦେଇଛନ୍ତି ।

ବ୍ରେକଅପ ପରେ ବୁଲିବାକୁ ଯାଆନ୍ତି

ସବୁବେଳେ ସମସ୍ତେ ନିଜନିଜ ହିସାବରେ ନିଜ ମନର ଦୁଃଖକୁ ହ୍ୟାଣ୍ଡେଲ କରିଥାଆନ୍ତି । ତେବେ ସାରା ଅଲ୍ଲୀ ଖାନ୍‌ଙ୍କର ଦୁଃଖ ହ୍ୟାଣ୍ଡେଲ କରିବା ଉପାୟ ତାଙ୍କ ଫ୍ୟାନଙ୍କୁ ବେଶ୍ ପସନ୍ଦ ଆସିଛି । ନିକଟରେ ଏକ ସାକ୍ଷାତକାରରେ ସାରା ଅଲ୍ଲୀ ପ୍ରକାଶ କରିଛନ୍ତି କି ଯେତେବେଳେ ବି ତାଙ୍କ ହୃଦୟ ଭାଙ୍ଗିଥାଏ ସେ ବୁଲିବାକୁ ବାହାରି ଯାଆନ୍ତି । ତାଙ୍କୁ ବିଭିନ୍ନ ସ୍ଥାନ ବୁଲିବାକୁ ଖୁବ ଭଲ ଲାଗିଥାଏ । କିଛି ସମୟ ବୁଲିବା ପରେ ତାଙ୍କୁ ଖୁବ ରିଲାକ୍ସ ଲାଗିଥାଏ । ତାଙ୍କ ମନ ଖୁସି ହୋଇଯାଇଥାଏ ବୋଲି ସାରା ପ୍ରକାଶ କରିଛନ୍ତି । ସାରାଙ୍କୁ ଖୁବ ଜଲଦି ମେଟ୍ରୋ ଇନ୍ ଦିନୋ ମେ ଦେଖିବାକୁ ମିଳିବ, ଏଥିରେ ସେ ଆଦିତ୍ୟ ରୟ କପୁରଙ୍କ ସହିତ ସ୍କ୍ରିନ ସେୟାର କରିବେ । ଉଭୟ ଏହି ଫିଲ୍ମକୁ ନେଇ ଖୁବ ଉତ୍ସାହିତ ଅଛନ୍ତି । ଅନୁରାଗ ବସୁଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମ ଦର୍ଶକଙ୍କୁ ପସନ୍ଦ ଆସିବ ବୋଲି ମେକର୍ସ ଆଶା ରଖିଛନ୍ତି ।

ଦୀପିକାଙ୍କ ଧନ୍ୟବାଦ

ଅଭିନେତ୍ରୀ ଦୀପିକା ପାଦୁକୋନ୍ ବର୍ତ୍ତମାନ ଖୁବ ଚର୍ଚ୍ଚାରେ ଅଛନ୍ତି । ନିକଟରେ ତାଙ୍କୁ ୨୦୨୬ ହଲିଉଡ ୱାକ୍ ଅଫ ଫେମ୍ ସମ୍ମାନ ପାଇଁ ଚୟନ କରାଯାଇଛି । ଏହି ସମ୍ମାନ ପାଇବାରେ ସେ ହେଉଛନ୍ତି ପ୍ରଥମ ଭାରତୀୟ ଅଭିନେତ୍ରୀ । ଏହାପରେ ଦୀପିକା ଏହି ସମ୍ମାନ ପାଇଁ ଧନ୍ୟବାଦ ଦେଇଛନ୍ତି । ସେ ଏଥିପାଇଁ ଇନ୍‌ଷ୍ଟାଗ୍ରାମରେ ଏକ ପୋଷ୍ଟ କରି ଜଣାଇଛନ୍ତି । ହଲିଉଡ ୱାକ୍ ଅଫ ଫେମ୍ ମ୍ୟାନେଜ କରୁଥିବା ସଂସ୍ଥା ପକ୍ଷରୁ ଏନେଇ ସୂଚନା ଦିଆଯାଇଛି । ଏହି ଖବର ଜଣା ପଡିବାପରେ ଦୀପିକାଙ୍କ ଫ୍ୟାନଙ୍କ ଭିତରେ ଖୁବ ଉତ୍ସାହ ଦେଖିବାକୁ ମିଳିଛି । ବିଶ୍ୱସ୍ତରରେ ଭାରତୀୟ ଫିଲ୍ମକୁ ପହଞ୍ଚାଇବାରେ ଏହା ଖୁବ ସହାୟକ ହେବ ବୋଲି ଫିଲ୍ମ ସମୀକ୍ଷକ ମତ ଦେଇଛନ୍ତି । ଏହି ସମ୍ମାନ ମିଳିବାପରେ ଭାରତୀୟ ଫିଲ୍ମର ନାଁ ଖୁବ ଆଗକୁ ଯାଇଥିବା ସେମାନେ ପ୍ରକାଶ କରିଛନ୍ତି ।

ଗୋଟିଏ କଷ୍ଟ୍ୟୁମରେ ପୂରା ସିରିଜ

ନିକଟରେ ୱେବ୍‌ସିରିଜ୍ ରାଣା ନାଇଡୁ୨କୁ ନେଇ ମନଖୋଲି କଥା ହୋଇଛନ୍ତି ଅଭିନେତା ଅର୍ଜୁନ ରାମପାଲ । ଏହି ସିରିଜକୁ ନେଇ ତାଙ୍କର ଖୁବ ଭଲ ଅନୁଭୂତି ରହିଛି । ଏଥିରେ ତାଙ୍କ ଚରିତ୍ର ଟିକେ ଭିନ୍ନ ପ୍ରକାରର ରହିଛି । ତେବେ ଶୋକୁ ନେଇ ଏକ ମଜାଦାର କଥା ସେ ପ୍ରକାଶ କରିଛନ୍ତି, ଯାହା ଖୁବ ଭାଇରାଲ ହେବାରେ ଲାଗିଛି । ସେ ଏହି ଶୋରେ ପୂରା ସମୟ ଗୋଟିଏ କଷ୍ଟ୍ୟୁମରେ ବିତାଇଛନ୍ତି । ସେହିଭଳି ଏଥିରେ ତାଙ୍କୁ ନେଗେଟିଭ ଭୂମିକାରେ ଦେଖିବାକୁ ମିଳିଛି । ଚରିତ୍ରଟି ଅର୍ଜୁନଙ୍କ ମନକୁ ଖୁବ ପାଇଥିବା ସେ ସାକ୍ଷାତକାରରେ ପ୍ରକାଶ କରିଛନ୍ତି । ଚରିତ୍ରଟି କରିବା ତାଙ୍କ ପାଇଁ ଖୁବ ଆହ୍ୱାନପୂର୍ଣ୍ଣ ଥିଲା । ପୂରା ୟୁନିଟ୍ ଏହି ସିରିଜ୍ ପାଇଁ ଖୁବ ପରିଶ୍ରମ କରିଛନ୍ତି । ପୂର୍ବ ଭାଗ ଅପେକ୍ଷା ଏହା ଆହୁରି ଭଲ ହୋଇଛି ବୋଲି ଅର୍ଜୁନ ପ୍ରକାଶ କରିଛନ୍ତି । ସିରିଜ୍‌ରେ ଦର୍ଶକଙ୍କୁ ମନୋରଞ୍ଜନର ଏକ ଭିନ୍ନ ତଡକା ମିଳିବ ବୋଲି ସେ ମତ ଦେଇଛନ୍ତି ।

ମିଡିଆ ଉପରେ ରାଗ

ନିକଟରେ ଶେଫାଳୀ ଜରିୱାଲାଙ୍କ ମୃତ୍ୟୁ ପରର ଦୃଶ୍ୟକୁ ଉତ୍ତୋଳନ କରିଥିବା ମିଡିଆ ଉପରେ ବର୍ଷିଛନ୍ତି ଅଭିନେତା ବରୁଣ ଧୱନ ଓ ଜାହ୍ନବୀ କପୁର । ଉଭୟ ମିଡିଆକୁ ଅସମ୍ବେଦନଶୀଳ ବୋଲି ସମ୍ବୋଧନ କରିଛନ୍ତି । ସେଲିବ୍ରିଟିଙ୍କର ବ୍ୟାକ୍ତିଗତ ଜୀବନରେ ଏତେ ମାତ୍ରାରେ ହସ୍ତକ୍ଷେପ ଖୁବ ଅସମ୍ବେଦନଶୀଳ ବୋଲି ଉଭୟ କହିଛନ୍ତି । ଜଣେ ଲୋକ ଦୁଃଖରେ ଥିବାବେଳେ ତାର ଏଭଳି ମଜାକ ବନାଇବା ଖରାପ ବୋଲି ସେମାନେ ମତ ଦେଇଛନ୍ତି । ଖବର ଦେବା ଆଡୁଆଳରେ ସେମାନେ ସେଲିବ୍ରିଟିଙ୍କର ପ୍ରାଇଭେସିକୁ ନଷ୍ଟ କରୁଛନ୍ତି, ଯାହା ବେଶ୍ ଖରାପ ବୋଲି ଉଭୟ ଷ୍ଟାର ମତ ଦେଇଛନ୍ତି । ଜଣେ ସେଲିବ୍ରିଟି ପ୍ରଥମେ ମଣିଷ ତାପରେ ସେ ଜଣେ ଅଭିନେତା । ତେଣୁ ସେମାନଙ୍କର ଦୁଃଖ ସମୟରେ ସେମାନଙ୍କ ଇମୋସନର ମଜାକ ନ ବନାଇବାକୁ ଉଭୟ ମିଡିଆକୁ ଅନୁରୋଧ କରିଛନ୍ତି ।



ବର୍ଷାରେ ମୋ’ ଗାଆଁ

ଅଭିନନ୍ଦନ ବରଷା ରାଣୀ !
ଓଦା ତୋ’ ପଣତକାନି
ଝରେ ଅମୃତ ବାରି
ସଭିଙ୍କୁ ନେଉ କୋଳେଇ
ପାଇ ଶୀତଳ ପରଶ
ଦେଉ ଚନ୍ଦନ ଲେପ ।।
ବରଷାରେ ଭିଜି ଭିଜି
ଗୀତ ଗାଏ ଚାଷୀ ଭାଇ
କାଳିଆ କସରା ବଳଦ
କେତେ ! ଆଳାପ ତା’ ସହିତ
ପଶୁ ହେଲେବି ବୁଝେ ଆମ ଗପ ।।
ତୋ’ ଲାଗି ଜୀବ ଜଗତ ଖୁସି
ତଟିନୀରେ ହଂସ ହଂସରାଳି
ମୟୂର ନାଚେ ପୁଚ୍ଛ ମେଲି
ବେଙ୍ଗ ବେଙ୍ଗୁଲି ସାରୁବୁଦା ମୂଳେ
ନିଜକୁ ରାଜା ରାଣୀ ଠାଣିରେ
ଗାଉଥାନ୍ତି ଗୀତ ଗରବଭରେ ।।
ନଦୀ ନାଳ ସାଗର
ବିଲ ବନ ପ୍ରାନ୍ତର
ହସ ଖୁସି ଉଲ୍ଲାସ
ପ୍ରକୃତିରାଣୀର ଶୋଭା
ଭୁଲିହୁଏନା ଅତି ମନଲୋଭା ।।
ମନେପଡେ ପିଲାଦିନ କଥା
ଭସାଉ କାଗଜ ନୌକା
ଭାସି ଯାଏ ମୋ’ ସାଙ୍ଗ କତି
ପାଖେ ପାଇ ହୁଅଇ ଖୁସି
ଭିଜିବାପାଇଁ କରୁ ବାହାନା
ଆକଟ କରନ୍ତି ବୋଉ ନନା ।।
ତୋ’ ଆଗମନେ
ସତ ହୁଏ ସପନ
ଭିଜା ମାଟିର ବାସନା
ସଭିଙ୍କୁ କରେ ଆନମନା
ବିଭୋର ପ୍ରକୃତି ରାଣୀ
ଆମେ ସବୁ ଦିନକୁ ଋଣୀ ।।

ଚିତ୍ତରଞ୍ଜନ ମହାନ୍ତି
ରାଣୀତାଲ୍, ଭଦ୍ରକ
ମୋ:୯୪୩୮୬୭୦୧୫୦

ରଖିଥିବା ବାଜିମାରି

ଆମେ ଯେତେବେଳେ ଟିକି ପିଲାବେଳେ
ଥୁକୁଲ ଥାକୁଲ ଚାଲୁଥିଲୁ
ପାଦକୁ ସଠିକ ନ ପକାଇ ପାରି
ଦୁମ୍ ଦାମ୍ ହୋଇ ପଡୁଥିଲୁ
ବାଜିଗଲେ ଟିକେ କାହିଁ,
ପିଟି ଦେଲାପରି ବଡ ବିକଳରେ
କାନ୍ଦୁଥିଲୁ କଇଁକଇଁ ।।
ପଡ଼ି ବାରବାର ଚାଲିବା ଶିଖିଲୁ
ମନକୁ ସାହସ ଦେଇଦେଇ
କଥା କାମ ସବୁ ଆପେ ଜାଣିଗଲୁ
କେତେ ମାଡ଼ ଗାଳି ଖାଇଖାଇ
ଖଣ୍ଟିଆ ଖାବରା ହୋଇ,
ମାଆ ମାଆ ଡାକି ଏକ ମୁହାଁ ହୋଇ
ଘର ଆସୁଥିଲୁ ଧାଇଁ ।।
ଆମେ ସିନା ହେଉ ଖଣ୍ଟିଆ ଖାବରା
ବିକଳ ହୁଅଇ ମାଆମନ
ହାତ ମାରୁମାରୁ ପିଠିରେ ଟିକିଏ
ଯନ୍ତ୍ରଣା ହୁଅଇ ଉପଶମ
ମାଆଙ୍କ ହାତର ଯାଦୁ
ବାଜୁବାଜୁ ଟିକେ ଦେହ କପାଳରେ
ଡୁନିପଡୁ କାନ୍ଦୁକାନ୍ଦୁ ।।
ଜୀବନରେ ଆମ ସବୁ ରୋଜଗାର
ମାଆରଣ ପାଖେ ତୁଚ୍ଛ ହୁଏ
ଯେତେ ଯାହା କଲେ ସୁଝି ହୁଏନାହିଁ
ଋଣବୋଝ ହୋଇ ରହିଯାଏ
ମାଆଙ୍କର ସେବା କରି,
ବଞ୍ଚିଥିବା ଯାଏ ଭୁଲି ଯିବାନାହିଁ
ରଖିଥିବା ବାଜି ମାରି ।।

ମୋହନ କୁମାର ସ୍ୱାଇଁ
ବେଣାପୁର, କଣ୍ଟିଗଡ଼ିଆ, ଯାଜପୁର
ମୋ: ୮୧୧୮୦୯୯୦୩୮

ରଥ ସୁନାବେଶ

ବରଷକେ ଥରେ ଶ୍ରୀଗୁଣ୍ଡିଚା ଦିନ
ଶ୍ରୀକ୍ଷେତ୍ର ମଉଡମଣି
ପୂଣ୍ୟ ବଡ଼ଦାଣ୍ଡେ ରଥରେ ଗଡ଼ନ୍ତି
ଭକ୍ତଙ୍କ ଆରତ ଶୁଣି ।।
ଜନମ ବେଦୀରେ ରୁହନ୍ତି ସାଆନ୍ତ
ହସିଉଠେ ଜନମନ
ମାଉସୀଙ୍କ ହାତ ପୋଡ଼ପିଠା ଖାଇ
ଫେରନ୍ତି ଦଶମୀ ଦିନ ।।
ସୁନ୍ଦର ଦିଶଇ ତା’ବାହୁଡା ଯାତ
ସୁନ୍ଦର ତା’ନନ୍ଦିଘୋଷ
ଆହୁରି ସୁନ୍ଦର ବଡ଼ଦାଣ୍ଡେ ତା’ର
ଏକାଦଶୀ ସୁନାବେଶ ।।
ସୁନା ଗହଣାରେ ହୋଇ ସୁସଜ୍ଜିତ
ଚମକନ୍ତି କଳାଧନ
ଅଗଣିତ ଭକ୍ତ ପୂଣ୍ୟ ବଡ଼ଦାଣ୍ଡେ
କରନ୍ତି ଦିବ୍ୟ ଦର୍ଶନ ।।
ବରଷକେ ହୁଏ ପାଞ୍ଚ ସୁନାବେଶ
ରଥ ସୁନାବେଶ ଭିନ୍ନ
ଦୁର୍ଲଭ ଏ ବେଶ କରିଲେ ଦର୍ଶନ
ମିଳିଥାଏ କୋଟି ପୂଣ୍ୟ ।।
ସୁନାବେଶ ଦେଖି ଯିବା ଆସ ମିତ
ଭକ୍ତିଭାବ ହୃଦେ ବହି
କାଳିଆ ସୁନାକୁ କରିବା ଗୁହାରି
ଜୟ ଜଗନ୍ନାଥ ଗାଇ ।।

ରାମଚନ୍ଦ୍ର ବେହେରା
ତେନ୍ତୁଳିପଦା, ଜଗତସିଂହପୁର
ମୋ: ୭୩୫୫୭୩୪୩୪୬

ଭୟ

ପୋକଜୋକଙ୍କ ପକ୍ଷୀକୁ ଭୟ
ପକ୍ଷୀଙ୍କୁ ଭୟ ବାଜ
ପେଚାର ଭୟ ଦିନ ଆଲୁଅ
ଖୁସି ଦେଖିଲେ ସଞ୍ଜ ।।
ମିରିକାଳିଟି ଲୁଚଇ ଭୟେ
ଦେଖିଲେ ବଡ଼ ମାଛ
ବଡମାଛକୁ ଭୟ ଧୀବର
ଧରେ ସେ କରି ପେଞ୍ଚ ।।
ହରିଣ ଡରେ ବାଘକୁ ସିନା
ବାଘକୁ ଡର ବ୍ୟାଧ
ବ୍ୟାଧର ଭୟ ଆରକ୍ଷୀ ବାବୁ
ଆହାଃ କି ପରମାଦ ।।
ଚାଷୀଙ୍କ ଭୟ ଅକାଳ ବର୍ଷା
ପାଚିଲା ଯେବେ କ୍ଷେତ
ପଶୁପକ୍ଷୀଙ୍କୁ ଭୟ ଦେଖାଏ
ନିର୍ଜୀବ ପାଳଭୂତ ।।
ଗଛ ଡରଇ ଝଡ଼ ବତାସ
ହାରେ ତା ଟାଣପଣ
ଜୀବଙ୍କ ଭୟ ଅନାବୃଷ୍ଟିକୁ
ଜଳ ପରା ଜୀବନ ।।
ପରିବେଶକୁ ମଣିଷ ଭୟ
ଦୂଷିତ ଆମ ପାଇଁ
ଆମକୁ ଭୟ ନୂଆ ପ୍ରଜାତି
ରୋଗ ଯେବେ ଆସଇ ।।

ସୁଦର୍ଶନ ମହାପାତ୍ର
କୁଞ୍ଜବିହାରୀ ଲେନ, କଟକ
ମୋ: ୯୪୩୮୧୭୫୫୪୨

ଶିଖିବା ଆମେ

ଚଢ଼େଇ ଭାଇରେ ଚଢ଼େଇ ଭାଇ
ଉଡ଼ିବାଟା ମତେ ଦେବୁ ଶିଖାଇ
ଯେ ପକ୍ଷୀ ଉଡ଼ଇ ଯେତେ ଦୂର ଯାଏ
ତା’ ବେଭାର ପରା ଜାଣଇ ସେହି ।।
ବଉଳା ଗାଇଲୋ ବଉଳା ଗାଇ
ସତ୍ୟ ଓ ସାଧୁତା ଦେବୁ ଶିଖାଇ
କଥା ଦେଇ କଥା ରଖିଥିଲୁ ବୋଲି
ବାଘ ମାମୁ ପ୍ରାଣ ଦେଲା ଫେରାଇ ।।
ଟିକି ଝରଣାରେ ଟିକି ଝରଣା
ବିଶ୍ୱ ବାସୀଙ୍କୁ ତୁ ଦେଉ ପ୍ରେରଣା
ଶିଖାଉ ଜୀବନେ ବାଣ୍ଟି ଚାଲ ବୋଲି
ସେ ଯୋଗୁ ସବୁରି ପ୍ରିୟ ତ ତୁହି ।।
ଦୁବ ସିନା କ୍ଷୁଦ୍ର ଭୂଇଁ ରେ ଲୋଟେ
ଗ୍ରୀଷ୍ମେ ଜଳି ବର୍ଷା ପାଇଲେ ଲଟେ
ସହନଶୀଳତା ଧର୍ଯ୍ୟ ପାଇଁ ପୁଣି
ସବୁ ଶୁଭ କାର୍ଯ୍ୟେ ଖୋଜା ପଡ଼ଇ ।।
ସୂର୍ଯ୍ୟ ସମ ଆମେ କର୍ମଠ ହେବା
ଆଳସ୍ୟଠୁ ସଦା ଦୂରରେ ଥିବା
ଜଗତ ମଙ୍ଗଳ କରିବା ପାଇଁକା
ଦୀପ ସମ ଜଳି ଆଲୋକ ଦେବା ।।

ସନ୍ତୋଷ କୁମାର ସେଠୀ
ପୁରୀ, ମୋ: ୯୪୩୭୩୦୨୬୧୮



ଅନନ୍ୟ ପୁରୀ

ସାହି ଯାତ୍ରା: ଶ୍ରୀକ୍ଷେତ୍ରର ରଥଯାତ୍ରା ଏହାକୁ ସାରା ବିଶ୍ୱରେ ଦେଇଥାଏ ସ୍ୱତନ୍ତ୍ର ପରିଚୟ । ତେବେ ପୁରୀରେ କେବଳ ରଥଯାତ୍ରା ନୁହେଁ, ମହାପ୍ରଭୁଙ୍କର ଅନେକ ଯାତ୍ରା ପୁରୀରେ ଅନୁଷ୍ଠିତ ହୋଇଥାଏ । ସେଥିମଧ୍ୟରୁ ପୁରୀର ସାହିଯାତ୍ରା ଅନ୍ୟତମ, ଯାହା ଉତ୍କଳୀୟ ପରମ୍ପରାର ଏକ ଅନନ୍ୟ ଉଦାହରଣ ।

ଶ୍ରୀକ୍ଷେତ୍ର ସମୁଦାୟ ୭ଟି ସାହିରେ ବିଭକ୍ତ । ପ୍ରତ୍ୟେକ ସାହିରେ ରହିଛି ଗୋଟିଏ ଲେଖାଏଁ ପଞ୍ଚାୟତ ଆଖେଡା । ଏଗୁଡିକ ଉତ୍କଳୀୟ ପରମ୍ପରାର ପୀଠସ୍ଥଳୀ । ଏଠାରେ ସାହିତ୍ୟ, ସଙ୍ଗୀତ, ନୃତ୍ୟ ଆଦି ଅନେକ ଉତ୍ସବ ଦେଖିବାକୁ ମିଳିଥାଏ । ପ୍ରତିପର୍ବରେ ଏଠାରେ ଦେଖିବାକୁ ମିଳିଥାଏ ବିଭିନ୍ନ ସାହି ଯାତ । ଏଠାରେ ବିଭିନ୍ନ ପର୍ବରେ କେଉଁ ସାହିରେ ପର୍ଶୁରାମଙ୍କର ଆର୍ବିଭାବ ହୋଇଥାଏ ତ କେଉଁଠି ରାମ ରାବଣ ଯୁଦ୍ଧକୁ ସାହି ଯାତରେ ସ୍ଥାନ ମିଳିଥାଏ । ତେବେ ଏଥି ମଧ୍ୟରେ କିଛି ଏଭଳି ଅଭିନୟ ରହିଛି ଯାହା ଜଗତ ବିଖ୍ୟାତ । ଆସନ୍ତୁ ସେହିଭଳି କିଛି ଅଭିନୟ ବିଷୟରେ ସଂକ୍ଷେପରେ ଜାଣିବା, ଯେଉଁଗୁଡିକ ସାହି ଯାତ୍ରାର ମୁଖ୍ୟ ଅଂଶ ହୋଇଥାଆନ୍ତି ।

ନାଗା: ପୁରୀ ସାହିଯାତର ବିଶେଷ ଅଂଶ ହେଲା ନାଗା ନୃତ୍ୟ । ସାହିର କିଛି ବ୍ୟକ୍ତିଙ୍କୁ ନାଗା ହେବା ପାଇଁ ଚୟନ କରାଯାଇଥାଏ । ସେମାନେ ଏକ ବେଶ ପରିଧାନ କରି ନୃତ୍ୟ କରିଥାଆନ୍ତି । ସେମାନଙ୍କରର ବେଶ ସ୍ୱତନ୍ତ୍ର ହୋଇଥାଏ । ସେମାନଙ୍କ ପରିଧାନ, ଚାଲି ଓ ନୃତ୍ୟରେ ଏକ ବୀର ତେଜ ଦେଖିବାକୁ ମିଳିଥାଏ । ଏମାନେ ବୀରବାଦ୍ୟର ତାଳେତାଳେ ସାହିରେ ଚାଲିଥାଆନ୍ତି, ଯାହା ଦେଖିବାକୁ ଖୁବ ମନୋରମ ହୋଇଥାଏ । ଏହା ଉତ୍କଳୀୟ ସଂସ୍କୃତିର ଏକ ଅନନ୍ୟ ଉଦାହରଣ ହୋଇଥାଏ ।

ସନ୍ୟାସୀ: ସାହିଯାତ୍ରାର ଆଉ ଏକ ଆକର୍ଷଣ ହୋଇଥାଆନ୍ତି ସନ୍ନ୍ୟାସୀ । ଏମାନଙ୍କ ତେଜ ଅତ୍ୟନ୍ତ ସୁନ୍ଦର ହୋଇଥାଏ । ସେମାନେ କୌଣସି କୃତ୍ରିମ ବେଶ ନୁହେଁ ବରଂ ନିଜ ବଳିଷ୍ଠ ସ୍ୱାସ୍ଥ୍ୟ ଓ ମୁଖର ତେଜ କାରଣରୁ ଖୁବ ସୁନ୍ଦର ଦେଖାଯାଇଥାଆନ୍ତି । ଏମାନେ ତରବାରି, ବାଙ୍କଛୁରି, ବାନାପଟା, ଫରୀ, ମୁଦ୍‌ଗର,ଛଡି, ନିଶାମ ଆଦି ଅସ୍ତ୍ରର ଖେଳ ଦେଖାଇ ସାହିଯାତରେ ଭାଗ ନେଇଥାଆନ୍ତି । ଯେଉଁମାନେ ଏଥିରେ ଭାଗ ନେଇଥାଆନ୍ତି ସେମାନେ ଅନେକ ମାସ ଧରି ଏଥିପାଇଁ ପ୍ରସ୍ତୁତି ହୋଇଥାଆନ୍ତି । ଏମାନଙ୍କ ଅଭିନୟ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥାଆନ୍ତି ।

ମେଢ଼: ସାହିଯାତ୍ରାରେ ଦେଖିବାକୁ ମିଳୁଥିବା ମେଢ଼ ଖୁବ ସୁନ୍ଦର ହୋଇଥାଆନ୍ତି । ଏଥିରେ ବିଭିନ୍ନ ମୁଖା ପିନ୍ଧି କିଏ ଦଶଭୁଜା, କିଏ ମହାଦେବ, ନୃଂସିହ, ଗଣେଶଙ୍କ ଭଳି ବିଭିନ୍ନ ଭଗବାନଙ୍କ ରୂପରେ ମେଢ ଦେଖିବାକୁ ମିଳିଥାଆନ୍ତି । ସେମାନଙ୍କ ଅଭିନୟ ଖୁବ ସୁନ୍ଦର ହୋଇଥାଏ । ସେହିଭଳି ସେମାନଙ୍କ ନୃତ୍ୟ ମଧ୍ୟ ଖୁବ ସୁନ୍ଦର ହୋଇଥାଏ ଯେଉଁଗୁଡିକୁ ଦର୍ଶକ ଉପଭୋଗ କରୁଥିବାର ଦେଖିବାକୁ ମିଳିଥାଏ । ଏହାସହ ଏହି ଶୋଭାଯାତ୍ରା ଗୁଡିକରେ ବିଭିନ୍ନ ପ୍ରକାରର ଅନ୍ୟ ନୃତ୍ୟ, ବାଦ୍ୟ, ପତାକା ଶୋଭା ପାଇଥାଏ । ଏହି ଯାତ୍ରା ମୁଖ୍ୟତଃ କାଳୀକା ଦେବୀ ସାହି, ମାଟିମଣ୍ଡପ ସାହି, ହରଚଣ୍ଡୀ ସାହି, ବାଲି ସାହି, କୁଣ୍ଢେଇବେଣ୍ଟ ସାହି, ଦୋଳମଣ୍ଡପ ସାହି, ମାର୍କଣ୍ଡେଶ୍ୱର ସାହି, ଗୌଡବାଡ ସାହି ଆଦିରେ ଦେଖିବାକୁ ମିଳିଥାଏ ।

ଜଙ୍ଗଲ ଜଗୁଛି ଏଆଇ

ଭାରତର ଘଞ୍ଚ ଜଙ୍ଗଲରେ ଅନେକ ସମୟରେ ବିଭିନ୍ନ ପ୍ରକାର ପ୍ରାଣୀଙ୍କର ଜୀବନ ବିପଦରେ ରହିଥାଏ । ସେମାନଙ୍କର ଚୋରାଚାଲାଣ ଏହି ବିପଦକୁ ବଢାଇବାରେ ଲାଗିଛି । ଏହି ଚୋରାଚାଲାଣକୁ ରୋକିବା ପାଇଁ ବିଭିନ୍ନ ପ୍ରକାରର ପଦକ୍ଷେପ ନିଆଯାଇଥାଏ । ସେହିଭଳି ଏକ ପଦକ୍ଷେପ ବର୍ତ୍ତମାନ ଖୁବ ଚର୍ଚ୍ଚା ସାଉଁଟିଛି, ଯାହା ଏଆଇକୁ ବ୍ୟବହାର କରି ପ୍ରସ୍ତୁତ କରାଯାଇଛି ।

ଜଙ୍ଗଲ ଜନ୍ତୁଙ୍କୁ ସୁରକ୍ଷା ଦେବା ବର୍ତ୍ତମାନ ଏକ ବଡ ସମସ୍ୟାରେ ପରିଣତ ହୋଇଛି । ପ୍ରତିଦିନ ବନ୍ୟଜୀବଜନ୍ତୁଙ୍କର ମୃତ୍ୟୁ ଖବର ସାମନାକୁ ଆସୁଛି । ଏହି ନୀରିହ ପ୍ରାଣୀଙ୍କୁ ସେମାନଙ୍କର ଚମ ତଥା ବିଭିନ୍ନ ଅଙ୍ଗ ପାଇଁ ହତ୍ୟା କରାଯାଉଛି । ସେହିଭଳି ଏମାନଙ୍କର ଚୋରାଚାଲାଣ ଯେପରି ଏକ ବଡ ବ୍ୟବସାୟରେ ପରିଣତ ହୋଇସାରିଛି । ତେବେ ଏହାକୁ କମାଇବା ପାଇଁ ଫରେଷ୍ଟଗାର୍ଡଙ୍କ ସହିତ ଅନ୍ୟ କର୍ମଚାରୀମାନେ ଅନେକ ପରିଶ୍ରମ କରିଥାଆନ୍ତି । ତେବେ ସେମାନଙ୍କର ଏହି କାମ ଖୁବ କଷ୍ଟ ହୋଇଥାଏ । ଏହାକୁ ସହଜ କରିବାପାଇଁ ଭାରତରେ ବର୍ତ୍ତମାନ ଏଆଇ କ୍ୟାମେରାକୁ ବ୍ୟବହାର କରାଯାଉଛି । ଯାହା ଜଙ୍ଗଲରେ ଥିବା ପ୍ରାଣୀଙ୍କର ଖୁବ ସହଜରେ ଧ୍ୟାନ ରଖିପାରୁଛି ।

ଟେଲ୍ ଗାର୍ଡ

ଜଙ୍ଗଲରେ ବିଶେଷଭାବେ ବାଘମାନେ ରହୁଥିବା ସ୍ଥାନ ଜଗିବା ପାଇଁ ବ୍ୟବହାର କରାଯାଉଛି ଟେଲ ଗାର୍ଡ ଏଆଇ କ୍ୟାମେରାକୁ । ଏହି କ୍ୟାମେରା ଜଙ୍ଗଲରେ ଥିବା ବାଘଙ୍କୁ ଜଗିବା ସହିତ ଏଠାରେ କିଛି ଅନୈତିକ କାର୍ଯ୍ୟ ହେଲେ ସଙ୍ଗେସଙ୍ଗେ ତଥ୍ୟ ପ୍ରଦାନ କରୁଛି । ଏହି ଏଆଇ ଟେକ୍ନୋଲୋଜି ପାଇଁ ଅନେକ ଚୋରାଚାଲାଣକାରୀଙ୍କୁ ଗିରଫ କରାଯାଇ ସାରିଛି । ଏହି କ୍ୟାମେରା ଶିମିଳିପାଳରେ ମଧ୍ୟ ଲଗାଯାଇଥିବାର ସୂଚନା ରହିଛି । ଏହି କ୍ୟାମେରାରେ ଫଟୋ ଉଠିବାର ମାତ୍ର ୩୦ ରୁ ୪୦ ସେକେଣ୍ଡ ଭିତରେ ଏହା ସାଟେଲାଇଟ୍‌କୁ ପଠାଯାଇଥାଏ । ଏହି ଆଲର୍ଟ କଣ୍ଟ୍ରୋଲ ସେଣ୍ଟର, ହ୍ୱାଟ୍ସ ଆପ୍ ଗ୍ରୁପ ଓ ରେଡିଓ ଚ୍ୟାନେଲକୁ ପଠାଇଯାଇଥାଏ ।

ସ୍ମାର୍ଟ ପାର୍ଟୋଲ

ବର୍ତ୍ତମାନ କାଗଜ ପରିବର୍ତ୍ତେ ସ୍ମାର୍ଟ ପାର୍ଟୋଲକୁ ଆପଣାଯାଉଛି । ଏହା ଏକ ଆପ୍ ଯେଉଁଥିରେ ସମସ୍ତ ତଥ୍ୟକୁ ସାଇତି ରଖାଯାଉଛି । ଏଥିରେ ଜିପିଏସ୍ ଲଗାଯାଇ ମନିଟର କାର୍ଯ୍ୟ କରାଯାଇଥାଏ । ଏଥିରେ ପଶୁମାନଙ୍କର ବିଭିନ୍ନ ଜିଓ ଟ୍ୟାଗ୍‌ଡ ଫଟୋକୁ ମଧ୍ୟ ଅପଲୋଡ କରାଯାଇଥାଏ । ହାତୀ ଭଳି ବଡ ପ୍ରାଣୀ ଓ ସାପ ଭଳି ଛୋଟ ପ୍ରାଣୀ ମଧ୍ୟ ଆପ୍ ଦ୍ୱାରା ମନିଟରିଂ କରାଯାଇଥାଏ ।

ଡ୍ରୋନ ପାର୍ଟୋଲ

ଏଆଇର ବ୍ୟବହାର କରି ବର୍ତ୍ତମାନ ଖୁବ ଆଧୁନିକ ଶୈଳୀର ଡ୍ରୋନ ପ୍ରସ୍ତୁତ କରାଯାଉଛି । ଯାହାକୁ ବ୍ୟବହାର କରି ଜଙ୍ଗଲରେ ଥିବା ପ୍ରାଣୀଙ୍କର ସୁରକ୍ଷା କରାଯାଉଛି । ଏହି ଡ୍ରୋନ୍ ପାର୍ଟୋଲିଂକୁ ବ୍ୟବହାର କରି ପ୍ରାଣୀମାନଙ୍କର ବିଭିନ୍ନ ଗତିକୁ ଟ୍ରାକ କରାଯାଇଥାଏ । ଏହାସହିତ ଜଙ୍ଗଲରେ ଲାଗୁଥିବା ନିଆଁକୁ ମଧ୍ୟ ଏହି ଡ୍ରୋନ ସାହାଯ୍ୟରେ ଟ୍ରାକ କରାଯାଇଥାଏ । ଯାହାଫଳରେ ଜଙ୍ଗଲ ଗୁଡିକରେ ବିଭିନ୍ନ ବଡବଡ ବିପଦରୁ ରକ୍ଷା କରାଯାଇଥାଏ ।

ବଉଳା ଗାଈ

ବଉଳା ଗାଈ କାହାଣୀ ଜଣେ ମାଆର ମମତା ଉପରେ ଆଧାରିତ । ଦୁନିଆରେ ମାଆର ମମତା ସବୁଠାରୁ ଶ୍ରେଷ୍ଠ ହୋଇଥାଏ, ଏହା ପଥରକୁ ମଧ୍ୟ ତରଳାଇବାରେ ସକ୍ଷମ ହୋଇଥାଏ । ସେହିଭଳି ଏକ ଉଦାହରଣ ଏହି କାହାଣୀ ମାଧ୍ୟମରେ ଦିଆଯାଇଛି । ସେହିଭଳି ଜୀବନରେ ଦୟା ଭାବନା ରଖିବା ଖୁବ ଆବଶ୍ୟକ ବୋଲି ଏହି କାହାଣୀରେ ଦର୍ଶା ଯାଇଛି । କାହାଣୀଟିର ଆମ ଜୀବନ ଉପରେ ଅଧିକ ପ୍ରଭାବ ରହିଥିବା ଦେଖିବାକୁ ମିଳିଥାଏ । ଆସନ୍ତୁ ଜାଣିବା କାହାଣୀର ମୁଖ୍ୟ ବସ୍ତୁ ।

ଗୋଟିଏ ଗ୍ରାମରେ ବଉଳା ନାମରେ ଏକ ଗାଈ ତା ବାଛୁରୀ ସହିତ ରହୁଥାଏ । ପ୍ରତିଦିନ ସକାଳୁ ସେ ତା ଛୁଆକୁ କ୍ଷୀର ଖାଇବାକୁ ଦେଇ ଜଙ୍ଗଲକୁ ଚରିବାକୁ ବାହାରି ପଡେ । ଏହାତାର ସବୁଦିନର କାହାଣୀ, ସବୁଦିନ ସକାଳୁ ଯାଇ ସେ ସନ୍ଧ୍ୟାରେ ପୁଣି ଘରକୁ ଫେରିଆସେ ତା ଛୁଆ ପାଖକୁ । ସେହିଭଳି ଗୋଟିଏ ଦିନ ସକାଳୁ ସେ ବାହାରି ଯାଇଥିଲା ଛୁଆକୁ କ୍ଷୀର ଦେଇ ଜଙ୍ଗଲକୁ ଚରିବାକୁ ଗଲା । ତେବେ ସେଦିନ କିଛି ଭିନ୍ନ ଘଟଣା ତା ସହିତ ଘଟିଲା । ସେଦିନ ସେ ଗୋଟିଏ ବାଘ ହାବୁଡରେ ପଡିଗଲା । ବାଘଟି ଗାଈଟିକୁ ଏକୁଟିଆ ଦେଖି ଖାଇବାକୁ ଇଚ୍ଛା କଲା । ହେଲେ ଗାଈଟି ବାଘକୁ ଖୁବ ନେହୁରା ହେଲା ତାକୁ ସଙ୍ଗେସଙ୍ଗେ ନଖାଇବାକୁ । ବଉଳା ବାଘକୁ ନିଜର ମନ କଥା ଖୋଲି କହିଲା । କହିଲା ତା ଛୁଆ ଏକା ଘରେ ଅଛି, ସେ ସକାଳୁ କିଛି ଖାଇ ନଥିବା । ସେ ଯଦି ଘରକୁ ନଗଲା ତେବେ ସେ ଭୋକରେ ଆଉଟୁ ପାଉଟୁ ହେବ । ତେବେ ସେ ବାଘକୁ କଥା ଦେଲା କି ସେ ଘରେ ତା ଛୁଆକୁ ଖାଇବାକୁ ଦେଇ ପୁଣି ତା ପାଖକୁ ଫେରି ଆସିବ । ଭାଗ ତାର କଥା ଶୁଣି ତା ଉପରେ ବିଶ୍ୱାସ ରଖି ଛାଡିଲା ଏବଂ ଆସିବା ପାଇଁ ତାଗିଦ କଲା । ବଉଳା ମନ ଦୁଃଖରେ ଘରକୁ ଫେରିଲା । ଘରକୁ ଫେରି ଛୁଆକୁ ପେଟେ ଖାଇବାକୁ ଦେଲା ଏହାପରେ ତାକୁ ସବୁ କଥା ବୁଝାଇ କହିଲା । ଏହାପରେ ପୁଣି ବଣକୁ ବାଘ ପାଖକୁ ଫେରିଲା । ତେବେ ବାଘ ଭାବିଥିଲା ବଉଳା ଠକି ଚାଲିଯିବ ଆଉ ତା ପାଖକୁ ଫେରିବ ନାହିଁ । ହେଲେ ବଉଳାକୁ ଫେରିବାର ଦେଖି ବାଘ ଆଶ୍ଚର୍ଯ୍ୟ ହୋଇଗଲା । ବଉଳା ନିଜ ଶପଥ ରଖିଥିବାର ଦେଖି ତାର ବଉଳା ଉପରେ ଦୟା ଆସିଲା, ଏବଂ ସେ ତାକୁ ଛାଡିଦେଲା । ବାଘ ଛାଡିବା ପରେ ବଉଳା ମନଖୁସିରେ ନିଜ ଛୁଆ ପାଖକୁ ଫେରି ଆସିଲା । ବଉଳା ଭଳି ଜୀବନରେ ଦେଇଥିବା କଥା ରଖିବାର ଆବଶ୍ୟକତା ରହିଛି । ସେହିଭଳି ବାଘ ଭଳି ଜୀବନରେ ଦୟା ମଧ୍ୟ ରଖିବାକୁ ହୋଇଥାଏ ବୋଲି ଏହି ଗପରୁ ଶିକ୍ଷା ମିଳିଥାଏ । ଏଭଳି ଅନେକ କାହାଣୀ ରହିଛି ଯାହା ଆମକୁ ଜୀବନର ନୀତିଶିକ୍ଷା ଶିଖାଇଥାଏ ।

ପିଲାଦିନେ ଆମେ ଏଭଳି ଅନେକ କାହାଣୀ ଶୁଣିଥାଉ ଯାହା ବିଭିନ୍ନ ପ୍ରକାର ନୀତି ଆଦର୍ଶ ଆମକୁ ପିଲାଦିନୁ ଶିଖାଇଥାଏ । ସେହିଭଳି ଏକ କାହାଣୀ ହେଲା ବଉଳା ଗାଈ ।

ଭରଣପୋଷଣ ସାମିଙ୍କ ଦାୟିତ୍ୱ

କୋଲକାତା ହାଇକୋର୍ଟରୁ ଟିମ୍ ଇଣ୍ଡିଆର ଦ୍ରୁତ ବୋଲର ମହମ୍ମଦ ସାମିଙ୍କୁ ଝଟକା ଲାଗିଛି । ପତ୍ନୀ ଓ ଝିଅର ଭରଣପୋଷଣ ବାବଦକୁ ମାସିକ ୪ ଲକ୍ଷ ଟଙ୍କା ପ୍ରଦାନ କରିବାକୁ ହାଇକୋର୍ଟ ଶାମିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ବେଶ କିଛି ବର୍ଷ ହେବ ସାମି ଓ ହସିନାଙ୍କ ଭିତରେ ପାରିବାରିକ କଳହ ନେଇ ଛକପଞ୍ଝା ଲାଗି ରହିଥିଲା। ଏପରିକି ବିଳମ୍ବ ହେଲେ ବି ଉଭୟଙ୍କ ବିବାହ ବିଚ୍ଛେଦ ଘଟିଥିଲା। ଏହାପରେ ମଡେଲର ହସିନା ଜାହାନ୍ କ୍ରିକେଟର ସାମିଙ୍କୁ ହରଡ ଘଣାରେ ପକାଇବା ପାଇଁ କୋଲକାତା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ଏଥିରେ ସଫଳ ମଧ୍ୟ ହୋଇଛନ୍ତି ହସିନା ।

ରିପୋର୍ଟ ଅନୁସାରେ ହାଇକୋର୍ଟ ସାମିଙ୍କ ପତ୍ନୀ ହସିନା ଜାହାନ ଏବଂ ଝିଅ ଆୟରାଙ୍କ ଭରଣପୋଷଣ ପାଇଁ ପ୍ରତି ମାସରେ ୪ ଲକ୍ଷ ଟଙ୍କା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ୪ ଲକ୍ଷ ଟଙ୍କା ମଧ୍ୟରୁ ପତ୍ନୀ ୧ ଲକ୍ଷ ୫୦ ହଜାର ଟଙ୍କା ଓ ଝିଅ ୨ ଲକ୍ଷ ୫୦ ହଜାର ଟଙ୍କା ପାଇବେ । ମହମ୍ମଦ ସାମି ଏବଂ ହସିନା ଜାହାନ ବିବାଦ ପରେ ବିଗତ କିଛି ବର୍ଷ ଧରି ଅଲଗା ରହୁଛନ୍ତି । ଝିଅ ଆୟରା ତାଙ୍କ ମାଆଙ୍କ ସହିତ ରହୁଛନ୍ତି । ସାମି ଭରଣପୋଷଣ ପାଇଁ ଆବଶ୍ୟକୀୟ ଟଙ୍କା ଦେଉ ନଥିବା ହସିନା ଅଭିଯୋଗ କରିଆସୁଥିଲେ । ଏଥିପାଇଁ ସେ ଆଇନଗତ ଲଢ଼େଇ ମଧ୍ୟ ଲଢୁଥିଲେ । ଜାହାଁଙ୍କ ଆବେଦନ ଉପରେ ବିଚାରପତି ଅଜୟ ମୁଖାର୍ଜୀ ମହମ୍ମଦ ସାମିଙ୍କୁ ଭରଣପୋଷଣ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଭରଣପୋଷଣ ଦେବାକୁ ହସିନା ୭ ବର୍ଷ ପୂର୍ବରେ ଏକ ନିମ୍ନ ଅଦାଲତରେ ଆବେଦନ କରିଥିଲେ । ଭରଣପୋଷଣ ବାବଦରେ ତାଙ୍କୁ ମାସକୁ ୭ ଲକ୍ଷ ଟଙ୍କା ଓ ଝିଅକୁ ୩ ଲକ୍ଷ ଟଙ୍କା ଦିଆଯାଉ ବୋଲି ପାଇଁ ସେ ଆବେଦନ କରିଥିଲେ । ତେବେ କୋର୍ଟ ଏହା କହି ଆବେଦନକୁ ଖାରଜ କରିଦେଇଥିଲେ ଯେ ହସିନା ମଡେଲିଂ କରି ମଧ୍ୟ ଅର୍ଥ ରୋଜଗାର କରୁଛନ୍ତି ।

ସ୍ଲିପ ପୋଜିସନରେ ଫିଲ୍ଡିଂ କରିବେନି ଯଶସ୍ୱୀ

ଭାରତ ଓ ଇଂଲଣ୍ଡ ମଧ୍ୟରେ ଦ୍ୱିତୀୟ ଟେଷ୍ଟ ଏଜବଷ୍ଟନରେ ଖେଳାଯାଇଛି । ୫ ମ୍ୟାଚ ବିଶିଷ୍ଟ ତେନ୍ଦୁଲକର-ଆଣ୍ଡରସନ ଟ୍ରଫିରେ ଭାରତ ଏବେ ୦-୧ରେ ପଛୁଆ ରହିଛି । ପ୍ରଥମ ଟେଷ୍ଟରେ ଖରାପ ଫିଲ୍ଡିଂ ପ୍ରଦର୍ଶନ କରିଥିବା ଯଶସ୍ୱୀ ଜୈସୱାଲଙ୍କୁ ଏଥର ସ୍ଲିପ ପୋଜିଶନରେ ଦେଖିବାକୁ ମିଳିବନି । ରିପୋର୍ଟ ଅନୁସାରେ ଯଶସ୍ୱୀଙ୍କ ସ୍ଥାନରେ ସାଇ ସୁଦର୍ଶନ ଏବଂ କରୁଣ ନାୟାର ଏହି ସ୍ଥାନରେ ଫିଲ୍ଡିଂ କରିବେ । ଏହି ଖେଳାଳିମାନେ ସ୍ଲିପ ପୋଜିଶନରେ ଦୀର୍ଘ ସମୟ ଧରି ଫିଲ୍ଡିଂ ଅଭ୍ୟାସ କରିଥିଲେ । ଏମାନଙ୍କ ବ୍ୟତୀତ ନୀତିଶ କୁମାର ରେଡ୍ଡୀ, ଶୁଭମନ ଗିଲ ଓ କେଏଲ ରାହୁଲ ମଧ୍ୟ ଫିଲ୍ଡିଂ ଅଭ୍ୟାସ କରିଥିଲେ । ଯଶସ୍ୱୀଙ୍କୁ ସହକାରୀ କୋଚ ର୍ୟାନ ଟେନ ଡୋଶଚେଟ ଓ ମୁଖ୍ୟ କୋଚ ଗୌତମ ଗମ୍ଭୀର ଅଭ୍ୟାସ କରାଉଥିବା ଦେଖିବାକୁ ମିଳିଥିଲା । ତାଙ୍କ ଫିଲ୍ଡିଂ ପ୍ରଶିକ୍ଷଣରୁ ସେ ଶର୍ଟ ଲେଗ କିମ୍ବା ପଏଣ୍ଟରେ ଫିଲ୍ଡିଂ କରିଛନ୍ତି । ଯଶପ୍ରୀତ ବୁମରାହ ଏହି ମ୍ୟାଚରେ ଖେଳି ନାହାନ୍ତି ।

ଉ୍ୱେକେଟକିପର-ବ୍ୟାଟର ସଞ୍ଜୁ ସାମସନଙ୍କ କ୍ରିକେଟ୍ ଦୁନିଆରେ ଅନେକ ପ୍ରଶଂସକ ଅଛନ୍ତି । ସଞ୍ଜୁ ସାମସନ୍ ଅନ୍ତର୍ଜାତୀୟ କ୍ରିକେଟରେ ଏବଂ ଇଣ୍ଡିଆନ ପ୍ରିମିୟର ଲିଗରେ ମଧ୍ୟ ନିଜର ଛାପ ଛାଡ଼ି ସାରିଛନ୍ତି । ସଞ୍ଜୁ ଗତ କିଛି ଆଇପିଏଲ୍ ସିଜିନରେ ରାଜସ୍ଥାନ ରୟାଲ୍ସ ପାଇଁ କ୍ୟାପ୍ଟେନ୍ସି କରିବା ସହ ଟିମର ଅଂଶ ହୋଇ ରହିଛନ୍ତି । କିନ୍ତୁ ଆଇପିଏଲ୍ ୨୦୨୬ରେ ଏକ ନୂତନ ଦଳ ପାଇଁ ସେ ଖେଳିବାର ଆଶା କରାଯାଉଛି । ଚେନ୍ନାଇ ସୁପର କିଙ୍ଗ୍ସ ସଞ୍ଜୁ ସାମସନଙ୍କୁ ତାଙ୍କ ଦଳରେ ସାମିଲ କରିପାରେ । ଫ୍ରାଞ୍ଚାଇଜର ବରିଷ୍ଠ ଅଧିକାରୀ ନିଜେ ଏହା ସ୍ପଷ୍ଟ କରିଛନ୍ତି । ସଞ୍ଜୁ ଚେନ୍ନାଇର ପରବର୍ତ୍ତୀ ଅଧିନାୟକ ମଧ୍ୟ ହୋଇପାରନ୍ତି ।

ସାମସନ ହେବେ ସୁପର କିଙ୍ଗ୍ସ ଅଧିନାୟକ

ସିଏସକେର ଜଣେ ବରିଷ୍ଠ ଅଧିକାରୀ କ୍ରିକବଜକୁ କହିଛନ୍ତି, ଆମ ନଜର ସଞ୍ଜୁ ସାମସନଙ୍କ ଉପରେ ରହିଛି । ସେ ଜଣେ ଭାରତୀୟ ୱିକେଟ୍ କିପର-ବ୍ୟାଟର ଯିଏ ୱିକେଟ୍ କିପିଂ ସହିତ ଓପନିଂ ଦାୟିତ୍ୱ ମଧ୍ୟ ଭଲ ଭାବରେ ତୁଲାଇ ପାରନ୍ତି । ଯଦି ସଞ୍ଜୁ ଉପଲବ୍ଧ ହୁଅନ୍ତି, ତେବେ ଆମେ ନିଶ୍ଚିତ ଭାବରେ ତାଙ୍କୁ ଆମ ଦଳରେ ସାମିଲ କରିବାକୁ ଚାହିଁବୁ । ତେବେ ତାଙ୍କ ସହ କିଏ ଟ୍ରେଡ୍ କରିବ, ଏବେ ତାକୁ ନେଇ ନିଷ୍ପତ୍ତି ହୋଇ ନାହିଁ, ଏହା ଉଚ୍ଚ ସ୍ତରରେ ପହଞ୍ଚି ନାହିଁ । କିନ୍ତୁ ଆମେ ତାଙ୍କୁ ଆମ ଦଳରେ ସାମିଲ କରିବାକୁ ଚାହୁଁଛୁ ।

ଆଇପିଏଲ୍ ୨୦୨୫ରେ ସଞ୍ଜୁ ସାମସନଙ୍କ ପ୍ରଦର୍ଶନ ଭଲ ନଥିଲା । ରାଜସ୍ଥାନ ରୟାଲ୍ସ ଦଳ ମଧ୍ୟ ପ୍ଲେଅଫରେ ସ୍ଥାନ ପାଇପାରିନଥିଲା । ସଞ୍ଜୁ ଆଇପିଏଲ୍ ୨୦୨୫ରେ ୯ଟି ମ୍ୟାଚ୍ ଖେଳି ୩୫.୬୩ ହାରରେ ମାତ୍ର ୨୮୫ ରନ୍ କରିଥିଲେ । ଏଥିରେ ଗୋଟିଏ ଅର୍ଦ୍ଧଶତକ ରହିଥିଲା । ତାଙ୍କର ସର୍ବାଧିକ ବ୍ୟକ୍ତିଗତ ସ୍କୋର ୬୬ ରନ୍ ଥିଲା । ଅନ୍ୟପଟେ ଚେନ୍ନାଇ ସୁପର କିଙ୍ଗ୍ସ ପଏଣ୍ଟ ତାଲିକାରେ ସବୁଠୁ ତଳେ ରହିଥିଲା ।

ସଞ୍ଜୁ ସାମସନଙ୍କ ଆଇପିଏଲ୍ ଖେଳିବାର ବହୁ ଅଭିଜ୍ଞତା ଅଛି । ସେ ୧୭୭ ମ୍ୟାଚ୍ ଖେଳି ୧୩୯.୦୫ ଷ୍ଟ୍ରାଇକ୍ ରେଟରେ ୪୭୦୪ ରନ୍ କରିଛନ୍ତି । ତାଙ୍କ ନାଁରେ ତିନୋଟି ଶତକ ମଧ୍ୟ ଅଛି । ୱିକେଟ୍ କିପିଂ ଏବଂ ବ୍ୟାଟିଂ ସହିତ, ସଞ୍ଜୁ ସାମସନ ଦଳର ନେତୃତ୍ୱ ବି ନେଇପାରନ୍ତି । ତାଙ୍କ ଅଧିନାୟକତ୍ୱରେ ରାଜସ୍ଥାନ ରୟାଲ୍ସ ଆଇପିଏଲ୍ ୨୦୨୨ର ଫାଇନାଲ୍ ଖେଳିଥିଲା । ଗତ ସିଜନରେ ଋତୁରାଜ ଗାଏକୱାଡଙ୍କ କ୍ୟାପ୍ଟେନ୍ସିରେ ଚେନ୍ନାଇ ସୁପର କିଙ୍ଗ୍ସ ଖରାପ ପ୍ରଦର୍ଶନ କରିଥିଲା । କେବଳ ଏତିକି ନୁହେଁ, ଆଘାତ ଯୋଗୁଁ ତାଙ୍କୁ ସିଜିନ୍ ମଝିରେ ଦଳ ଛାଡିବାକୁ ପଡିଲା । ଯାହା ପରେ ମହେନ୍ଦ୍ର ସିଂହ ଧୋନି ପୁଣି ଥରେ ଚେନ୍ନାଇର ଅଧିନାୟକ ହୋଇଥିଲେ । ଯଦି ଚେନ୍ନାଇ ସୁପରକିଙ୍ଗ୍ସ ସଞ୍ଜୁ ସାମସନଙ୍କୁ ନିଜ ଦଳରେ ସାମିଲ କରେ, ତେବେ ସେ ଟିମ୍ ପାଇଁ ବଡ଼ ଉପଯୋଗୀ ସାବ୍ୟସ୍ତ ହୋଇପାରିବେ ।

ଭାରତ-ବାଂଲାଦେଶ ଶୃଙ୍ଖଳା ଦ୍ୱନ୍ଦ୍ୱ

ଭାରତ ଓ ବାଂଲାଦେଶ ମଧ୍ୟରେ ହେବାକୁ ଥିବା କ୍ରିକେଟ ଶୃଙ୍ଖଳାକୁ ନେଇ ଏବେ ବି ଦ୍ୱନ୍ଦ୍ୱ ଲାଗିରହିଛି । ବାଂଲାଦେଶ କ୍ରିକେଟ ବୋର୍ଡ ଅଧ୍ୟକ୍ଷ ଅନୀମୁଲ ଇସଲାମ କହିଛନ୍ତି ଯେ, ଭାରତ ବିପକ୍ଷ ଦିନିକିଆ ଓ ଟି୨୦ ସିରିଜକୁ ନେଇ ସ୍ଥିତି ସ୍ପଷ୍ଟ ହୋଇନି । ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ ଏବେ ସରକାରଙ୍କ ଅନୁମତିକୁ ଅପେକ୍ଷା କରିଛି । ଅଗଷ୍ଟ ୧୭ରୁ ଉଭୟ ଦେଶ ମଧ୍ୟରେ ୩ଟି ଲେଖାଏଁ ଦିନିକିଆ ଓ ଟି୨୦ ମ୍ୟାଚ ଖେଳାଯିବ । ବର୍ତ୍ତମାନର ରାଜନୈତିକ ପରିସ୍ଥିତିକୁ ଅନୁଧ୍ୟାନ କଲେ ଅଗଷ୍ଟରେ ଏହି ଶୃଙ୍ଖଳା ଆୟୋଜନ ନେଇ ଦ୍ୱନ୍ଦ୍ୱ ଲାଗିରହିଛି ।

ବାଂଲାଦେଶ ପ୍ରିମିୟର ଲିଗ ଡିସେମ୍ବରରୁ ଆରମ୍ଭ କରିବା ପାଇଁ ସ୍ଥାନୀୟ ବୋର୍ଡ ସମସ୍ତ ପ୍ରସ୍ତୁତି ଶେଷ କରିଛି । ଏଥର ଏହାର ଆୟୋଜନ ଦାୟିତ୍ୱ ଏକ ଇଭେଂଟ କମ୍ପାନୀକୁ ଦିଆଯାଇଛି । ଲିଗକୁ ଲୋକପ୍ରିୟ କରାଇବା ପାଇଁ ବୋର୍ଡ ଏହି ପଦକ୍ଷେପ ଗ୍ରହଣ କରିଛି । ସେହିପରି ପୂର୍ବ ଅନ୍ତର୍ଜାତୀୟ ଏଲିଟ ଅମ୍ପାୟର ସାଇମନ ଟଫେଲ ଏବେ ବାଂଲାଦେଶରେ ଅମ୍ପାୟରଙ୍କୁ ପ୍ରଶିକ୍ଷଣ ଦେବେ ।

ଦ୍ରାବିଡଙ୍କ ରେକର୍ଡ ଭାଙ୍ଗିବେ ରୁଟ୍

ଭାରତ ଓ ଇଂଲଣ୍ଡ ମଧ୍ୟରେ ଦ୍ୱିତୀୟ କ୍ରିକେଟ ଟେଷ୍ଟ ଏଜବଷ୍ଟନରେ ଖେଳାଯାଇଛି । ଜୋ ରୁଟ ଏହି ମ୍ୟାଚରେ ରାହୁଲ ଦ୍ରାବିଡ ଓ କାଲିସଙ୍କୁ ପଛରେ ପକାଇବା ଲକ୍ଷ୍ୟରେ ରହିଛନ୍ତି । ସେ ଯଦି ୨୦୨ ରନ କରିବେ ତେବେ ଟେଷ୍ଟ କ୍ରିକେଟରେ ସର୍ବାଧିକ ରନ ହାସଲରେ ଉପରୋକ୍ତ ଦୁଇ ମହାନ ଖେଳାଳିଙ୍କୁ ପଛରେ ପକାଇଦେବେ । ଦ୍ରାବିଡ ୧୬୪ ଟେଷ୍ଟରେ ୧୩୨୮୮ ଓ କାଲିସ ୧୬୬ ଟେଷ୍ଟରେ ୧୩୨୮୯ ରନ କରିଛନ୍ତି । ରୁଟ ଏବେ ଏହି ତାଲିକାରେ ୫ମ ସ୍ଥାନରେ ଅଛନ୍ତି । ସେ ୧୫୪ ଟେଷ୍ଟରେ ୧୩୦୮୭ ରନ ସଂଗ୍ରହ କରି ନେଇଛନ୍ତି । କାଲିସ ଓ ଦ୍ରାବିଡଙ୍କୁ ପଛରେ ପକାଇଲେ ରୁଟ ତୃତୀୟ ସ୍ଥାନକୁ ଉନ୍ନୀତ ହେବେ ।

ଟେଷ୍ଟ କ୍ରିକେଟରେ ସର୍ବାଧିକ ରନ ସଂଗ୍ରହରେ ସଚିନ ତେନ୍ଦୁଲକର ଏବେ ବି ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି । ସେ ୧୫୯୨୧ ରନ ସଂଗ୍ରହ କରିଛନ୍ତି । ତାଙ୍କ ପଛକୁ ଦ୍ୱିତୀୟ ସ୍ଥାନରେ ରିକି ପଣ୍ଟିଙ୍କ ଅଛନ୍ତି । ସେ ୧୩୩୭୮ ରନ ସଂଗ୍ରହ କରିଥିଲେ । ବିରାଟ କୋହଲି ଅବସର ନେବା ପରେ ଏବେ ରୁଟଙ୍କ ନିକଟରେ ଶୀର୍ଷ ସ୍ଥାନ ହାସଲ କରିବା ସୁଯୋଗ ରହିଛି ।

ୱେବ୍‌ସିରିଜ୍ କୁଇନ

ନିଜର ଅଭିନୟର ଯାଦୁରେ ସେ ତିଆରି କରିଛନ୍ତି ନିଜ ପାଇଁ ଏକ ସ୍ୱତନ୍ତ୍ର ଫ୍ୟାନ୍‌ବେଶ୍ । ପଞ୍ଚାୟତ ୱେବ୍‌ସିରିଜ୍‌ରେ ତାଙ୍କର ନିଖୁଣ ଅଭିନୟ ପାଇଁ ତାଙ୍କୁ ସୋସିଆଲ ମିଡିଆରେ ଟ୍ୟାଗ୍ ମିଳିଛି ୱେବ୍‌ସିରିଜ୍ କୁଇନ୍ ସାନ୍‌ଭିକା ।

ନିକଟରେ ୱେବ୍ ସିରିଜ୍ ପଞ୍ଚାୟତକୁ ନେଇ ଖୁବ ଚର୍ଚ୍ଚା ଜାରି ରହିଛି । ଏଥିରେ ଅଭିନୟ କରିଥିବା ସମସ୍ତ ଷ୍ଟାରକାଷ୍ଟଙ୍କର ଅଭିନୟ ଖୁବ ଉଚ୍ଚକୋଟିର ହୋଇଛି । ଏହାର ପ୍ରତିଟି ଚରିତ୍ରକୁ ଦର୍ଶକ ଖୁବ ଭଲପାଇବା ଦେଉଥିବାର ଦେଖିବାକୁ ମିଳୁଛି । ତେବେ ସବୁ ଚରିତ୍ର ମଧ୍ୟରେ ରିଙ୍କି ଦୁବେ ଚରିତ୍ର ଖୁବ ପରିଚିତ । ଏଥିରେ ଅଭିନୟ କରିଛନ୍ତି ସାନଭିକା ପୁଜା ସିଂ । ତାଙ୍କର ନିଖୁଣ ଅଭିନୟ ଦର୍ଶକଙ୍କୁ ଖୁବ ପସନ୍ଦ ଆସିଛି, ସମସ୍ତଙ୍କୁ ତାଙ୍କ ଚରିତ୍ର ବେଶ୍ ନିଆରା ଲାଗିଛି । ୨୦୨୦ରେ ରିଲିଜ୍ ହୋଇଥିବା ଏହି ସିରିଜ୍ ବର୍ତ୍ତମାନ ପର୍ଯ୍ୟନ୍ତ ଚାରୋଟି ସିଜିନ୍‌ରେ ପହଞ୍ଚି ସାରିଛି । ଏହାର ପ୍ରତିଟି ସିଜିନ୍‌କୁ ଦର୍ଶକ ଖୁବ ଭଲ ପାଇବା ଦେଇଥାଆନ୍ତି । ସୋସିଆଲ ମିଡିଆରେ ଏହି ସିରିଜ୍‌ର ବେଶ୍ ଚର୍ଚ୍ଚା କରାଯାଇଥାଏ । ସାନଭିକାଙ୍କର ରିଙ୍କି ଚରିତ୍ରର ଅନେକ କ୍ରେଜ ଦେଖିବାକୁ ମିଳିଥାଏ । ତେବେ ସାନଭିକାଙ୍କୁ କେବଳ ପଞ୍ଚାୟତ ୱେବ୍ ସିରିଜ୍ ନୁହେଁ ଏହା ସହିତ ଆହୁରି ଦୁଇଟି ୱେବ୍ ସିରିଜ୍‌ରେ ମଧ୍ୟ ଦେଖିବାକୁ ମିଳିଛି । ପଞ୍ଚାୟତ ପରେ ତାଙ୍କୁ ୱେବ୍‌ସିରିଜ୍ ପ୍ଲାନ୍ ଏ ପ୍ଲାନ୍ ବି ଓ ଲକ୍ଷନ୍ ଲୀଲା ଭାରଗଭ୍ ସିରିଜ୍‌ରେ ଦେଖିବାକୁ ମିଳିଛି । ଉଭୟ ୱେବ୍ ସିରିଜ୍ ଓଟିଟି ପ୍ଲାଟ ଫର୍ମରେ ପ୍ରସାରିତ ହେଉଛି । ଏଗୁଡିକରେ ମଧ୍ୟ ତାଙ୍କର ନିଖୁଣ ଅଭିନୟ ଦର୍ଶକ ଦେଖିବାକୁ ପାଇଛନ୍ତି, ଯାହାର ପ୍ରଶଂସା ଖୁବ ହେଉଛି । ୧୯୯୦ରେ ମଧ୍ୟପ୍ରଦେଶରେ ସାନଭିକାଙ୍କର ଜନ୍ମ ହୋଇଥିଲା । ପିଲାଦିନୁ ତାଙ୍କର ନୃତ୍ୟ ପ୍ରତି ଖୁବ ଆଗ୍ରହଥିଲା । ଇଲୋକ୍‌ଟ୍ରୋନିକ ଓ କମ୍ୟୁନିକେସନ୍‌ରେ ଡିଗ୍ରୀ ହାସଲ କରିବା ପରେ ନିଜ ଭାଗ୍ୟ ଅଭିନୟରେ ପରୀକ୍ଷା କରିବାକୁ ନିଷ୍ପତ୍ତି ନେଇଥିଲେ ସାନ୍‌ଭିକା । ପାଠପଢା ସରିବା ପରେ ସେ ଅନେକ ସମୟରେ ସାଙ୍ଗସାଥୀଙ୍କ ସହିତ ଥିଏଟର ଯାଇଥାଆନ୍ତି, ଯେଉଁଠାରେ ତାଙ୍କର ଅଭିନୟ ପ୍ରତି ଦୁର୍ବଳତା ଆସିଥିଲା, ଏବଂ ସେ ଏଥିରେ କ୍ୟାରିୟର କଥା ଭାବିଥିଲେ । ସେହିଭଳି ଚାକିରି କରିବା ତାଙ୍କର ପସନ୍ଦ ନଥିବାରୁ ସେ ଜୀବନରେ କିଛି ଭିନ୍ନ କରିବାକୁ ନିଷ୍ପତ୍ତି ନେଇଥିଲେ । ଏହାପରେ ସେ ଅଭିନୟକୁ କ୍ୟାରିୟର କରିବାକୁ ବାଛିଥିଲେ । ଏହାପରେ ସେ ମୁମ୍ବାଇ ଆସିଥିଲେ ଏବଂ ଅଭିନୟରେ ନିଜ ଭାଗ୍ୟ ପରୀକ୍ଷା କରିବା ଆରମ୍ଭ କରିଥିଲେ । ଏହି ସମୟରେ ତାଙ୍କର ଜଣେ ସାଙ୍ଗ ତାଙ୍କୁ ଖୁବ ସାହାଯ୍ୟ କରିଥିଲେ । ସାନ୍‌ଭିକାଙ୍କର ଏହି ସାଙ୍ଗ ମଧ୍ୟ ମୁମ୍ବାଇରେ ଅଭିନୟ ଶିକ୍ଷା କରୁଥିଲେ, ଯିଏ ତାଙ୍କୁ ସାହାଯ୍ୟ କରିଥିଲେ । ପଞ୍ଚାୟତ ଭଳି ବଡ ବ୍ରେକ ପାଇବା ଆଗରୁ ସେ ଅନେକ ପରିଶ୍ରମ କରିଛନ୍ତି । ସେ ଏକାଧିକ ଥର ବିଭିନ୍ନ ଚରିତ୍ରପାଇଁ ଅଡିସନ ଦେଇଥିଲେ । ଅଡିସନର ଲମ୍ବା ଲାଇନ୍‌ରେ ଠିଆ ହୋଇ ଅନେକ ରିଜେକସନ୍‌କୁ ସାମନା କରିଛନ୍ତି । ଅନେକ ପରିଶ୍ରମ ଓ ଚେଷ୍ଟା ପରେ ସେ ଅଭିନୟ କରିବାର ଚାନ୍ସ ପାଇଥିଲେ । ତେବେ ପଞ୍ଚାୟତ ସିରିଜ୍‌ରେ ଅଭିନୟ ପାଇଁ ତାଙ୍କୁ ଖୁବ ରୋଚକ ଭାବେ ଚାନ୍ସ ମିଳିଥିଲା । ସେ ଏକ ବିଜ୍ଞାପନର ଅଡିସନ ଦେବାପାଇଁ ଯାଇଥିଲେ । ସେଠାରେ ଧାଡିରେ ଅପେକ୍ଷା କରିବା ସମୟରେ ତାଙ୍କୁ ଆଉ ଏକ ଅଡିସନରେ ଭାଗନେବାର ସୁଯୋଗ ମିଳିଲା, ଯାହା ଥିଲା ପଞ୍ଚାୟତ ସିରିଜ୍ । ତେବେ ସେ କେବେ ଭାବିନଥିଲେ ତାଙ୍କୁ ଏଥିରେ ଅଭିନୟ କରିବାର ସୁଯୋଗ ମିଳିବ । ହେଲେ ତାଙ୍କର ଅଡିସନ ଭଲ ହୋଇଥିଲା ଏବଂ ତାଙ୍କୁ ପଞ୍ଚାୟତ ସିରିଜ୍‌ରେ ଅଭିନୟ କରିବାର ସୁଯୋଗ ମିଳିଥିଲା । ଏହା ତାଙ୍କ କ୍ୟାରିୟରର ଟର୍ଣ୍ଣିଂ ପଏଣ୍ଟ ସାଜିଥିଲା । ଆଗକୁ ଆହୁରି ଭଲଭଲ ପ୍ରୋଜେକ୍ଟରେ କାମ କରିବାର ଇଚ୍ଛା ରଖିଛନ୍ତି ସାନଭିକା ।